# ବିପର୍ଯ୍ୟୟ ସୁରକ୍ଷା ସୂଚନା ପୁସ୍ତିକା









**ORISSA STATE DISASTER MITIGATION AUTHORITY**
(A GOVERNMENT OF ORISSA AGENCY)
Rajiv Bhawan, Unit-V, Bhubaneswar (Orissa)
Under GOI-UNDP Disaster Risk Management Programme
E-mail: osdma@osdma.org, Website : www.osdma.org

**NATIONAL DISASTER MANAGEMENT AUTHORITY**
GOVERNMENT OF INDIA
NEW DELHI - 110 037

**ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ**
**(OSDMA)**
**ଭୁବନେଶ୍ୱର**

# ବିପର୍ଯ୍ୟୟ ସୁରକ୍ଷା ସୂଚନା ପୁସ୍ତିକା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ
(OSDMA)
ଭୁବନେଶ୍ୱର

## ସୂଚୀ

୧) ଗ୍ରୀଷ୍ମ ପ୍ରବାହ (Heat Wave) ୧
୨) କାଳବୈଶାଖୀ (Tornado) ୪
୩) ବଜ୍ରପାତ (Lightning) ୮
୪) ବନ୍ୟା (Flood) ୧୦
୫) ବାତ୍ୟା (Cyclone) ୧୪
୬) ଭୂମିକମ୍ପ (Earthquake) ୧୯
୭) ସୁନାମୀ (Tsunami) ୨୪
୮) ଅଗ୍ନିକାଣ୍ଡ (Fire Accident) ୨୮
୯) ପାହାଡ଼ି ବନ୍ୟା ଓ ଭୂସ୍ଖଳନ (Flash Flood and Landslide) ୩୩

# ମୁଖବନ୍ଧ

ଓଡ଼ିଶା ଏକ ବିବିଧ ବିପର୍ଯ୍ୟୟ ପ୍ରବଣ ରାଜ୍ୟ । ଓଡ଼ିଶାର ଲୋକମାନେ ପ୍ରତିବର୍ଷ ଗ୍ରୀଷ୍ମ ପ୍ରବାହ, ବଜ୍ରପାତ, ଅଗ୍ନିକାଣ୍ଡ, ବନ୍ୟା, ବାତ୍ୟା, ମରୁଡ଼ି ଓ ଭୂସ୍ଖଳନ ପରି ବିଭିନ୍ନ ବିପର୍ଯ୍ୟୟର ଶିକାର ହୋଇଥାନ୍ତି । ଏହାଛଡ଼ା ଓଡ଼ିଶାର କେତେକ ଅଞ୍ଚଳ ଭୂମିକମ୍ପ ପ୍ରବଣ ଭାବେ ଜଣା । ଗତ ୨୦୦୪ ମସିହା ଡିସେମ୍ବର ୨୬ ତାରିଖରେ ତାମିଲନାଡୁ ଓ ଆନ୍ଧ୍ର ଉପକୂଳରେ ସଂଘଟିତ ସୁନାମୀ ପରେ ଓଡ଼ିଶା ଉପକୂଳ ଅଞ୍ଚଳରେ ମଧ୍ୟ ସୁନାମୀ ଆଶଙ୍କା ବୃଦ୍ଧି ପାଇଛି ।

ବିପର୍ଯ୍ୟୟକୁ ରୋକି ହେବନି ସିନା, ମାତ୍ର ଏହାର ପ୍ରଭାବକୁ ହ୍ରାସ କରାଯାଇପାରିବ । ଯେ କୌଣସି ବିପର୍ଯ୍ୟରେ ଆପଦ ସଂକୁଳ ଗୋଷ୍ଠୀ ହିଁ ପ୍ରଥମେ ପ୍ରଭାବିତ ହୋଇଥାଏ ଏବଂ ବାହ୍ୟ ସାହାଯ୍ୟ ପହଞ୍ଚିବା ପର୍ଯ୍ୟନ୍ତ ସେଇ ଗୋଷ୍ଠୀ ଉପରେ ହିଁ ଲୋକମାନଙ୍କର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ ଥାଏ । ଯେଉଁ ଗୋଷ୍ଠୀ ଯେତେ ସଚେତନ ଓ ସଂଗଠିତ, ସେ ଗୋଷ୍ଠୀ ଉପରେ ବିପର୍ଯ୍ୟୟର ପ୍ରଭାବ ସେହି ଅନୁପାତରେ ହ୍ରାସ ହୋଇଥାଏ । ଏଣୁ ଗୋଷ୍ଠୀ ସ୍ତରୀୟ ପ୍ରାକ୍ ପ୍ରସ୍ତୁତି ଓ ସଚେତନତା ବିପର୍ଯ୍ୟୟ ପ୍ରଶମନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ ।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (OSDMA) ତରଫରୁ ଜନସାଧାରଣ ଓ ଗୋଷ୍ଠୀସ୍ତରୀୟ ଭାଗୀଦାର ମାନଙ୍କର ସଚେତନତା ଓ ପ୍ରଶିକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ତନ୍ମଧ୍ୟରୁ, ବିପର୍ଯ୍ୟୟ ସୁରକ୍ଷା ସୂଚନା ସଂବଳିତ କ୍ଷୁଦ୍ର ପ୍ରାମାଣିକ ଚଳଚିତ୍ର ପ୍ରଯୋଜନା, ପ୍ରାଚୀରପତ୍ର ଓ ପତ୍ରିକା ପ୍ରକାଶନ ଏବଂ ପ୍ରଶିକ୍ଷଣ ଶିବିର ଓ ଆଲୋଚନା ଚକ୍ର ଆୟୋଜନ ଅନ୍ୟତମ । ଓଡ଼ିଶାରେ ଘଟୁଥିବା ଓ ଆଶଙ୍କା ଥିବା ସମସ୍ତ ବିପର୍ଯ୍ୟୟର ସୁରକ୍ଷା ସୂଚନା ସବୁକୁ ଏକାଠି ସଂକଳିତ କରି ବିପର୍ଯ୍ୟୟ ପ୍ରବଣ ଗୋଷ୍ଠୀ ଓ ପରିବାର ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ପୁସ୍ତିକାଟି OSDMA ତରଫରୁ ପ୍ରକାଶ କରାଯାଉଛି । ଏହା ଆମର ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ଆଶା ।

ଏହି ପୁସ୍ତିକା ପ୍ରକାଶନରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (NDMA) ସହଯୋଗ କରିଥିବାରୁ ସେମାନେ ଧନ୍ୟବାଦାର୍ହ ।



**ନିକୁଞ୍ଜ କିଶୋର ସୁନ୍ଦରାୟ**

ପରିଚାଳନା ନିର୍ଦ୍ଦେଶକ

# ଗ୍ରୀଷ୍ମ ପ୍ରବାହ (Heat Wave)

## ଗ୍ରୀଷ୍ମ ପ୍ରବାହ କ'ଣ ?

ଯଦି କୌଣସି ସ୍ଥାନର ତାପମାତ୍ରା ୪୦° ସେଲ୍‌ସିଅସ ପାଖାପାଖି ଥାଏ ଏବଂ ଏହା ସେହି ସ୍ଥାନର ସାଧାରଣ ତାପମାତ୍ରା ଠାରୁ ୫°-୬° ସେଲ୍‌ସିୟସ ବୃଦ୍ଧି ହୋଇଥାଏ, ତାହାକୁ ଗ୍ରୀଷ୍ମ ପ୍ରବାହ ଓ ୭° ସେଲ୍‌ସିୟସରୁ ଅଧିକ ବୃଦ୍ଧି ହୋଇଥିଲେ, ପ୍ରବଳ ଗ୍ରୀଷ୍ମପ୍ରବାହ କୁହାଯାଏ ।

ଯଦି କୌଣସି ସ୍ଥାନର ସର୍ବୋଚ୍ଚ ତାପମାତ୍ରା ୪୦° ସେଲ୍‌ସିୟସରୁ ଊର୍ଦ୍ଧ୍ୱ ଥାଏ ଏବଂ ଏହା ସାଧାରଣ ତାପମାତ୍ରା ଠାରୁ ୪-୫° ସେଲ୍‌ସିୟସ ବୃଦ୍ଧି ପାଇଥାଏ ତେବେ ତାହାକୁ ଗ୍ରୀଷ୍ମ ପ୍ରବାହ ଓ ୬° ସେଲ୍‌ସିୟସରୁ ଊର୍ଦ୍ଧ୍ୱ ବୃଦ୍ଧିକୁ ପ୍ରବଳ ଗ୍ରୀଷ୍ମପ୍ରବାହ କୁହାଯାଏ ।

ଯଦି କୌଣସି ସ୍ଥାନର ତାପମାତ୍ରା ୪୫° ସେଲ୍‌ସିୟସ ବା ତଦୁର୍ଦ୍ଧ୍ୱ ହୁଏ, ତେବେ ସେ ସ୍ଥାନରେ ସାଧାରଣ ତାପମାତ୍ରା ଯାହା ହେଲେବି ଏହାକୁ ଗ୍ରୀଷ୍ମପ୍ରବାହ କୁହାଯାଏ ।

ବେଳେବେଳେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ହେତୁ ମଣିଷ ମୃତ୍ୟୁମୁଖରେ ପଡିଥାଏ । ୧୯୯୮ ମସିହା ଏପ୍ରିଲ୍‌ରୁ ଜୁନ୍ ମାସ ମଧ୍ୟରେ ଗ୍ରୀଷ୍ମପ୍ରବାହ ହେତୁ ଓଡ଼ିଶାରେ ୨୦୪୨ ଜଣଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି କୁହାଯାଏ ।

## ସୁରକ୍ଷା ଉପାୟ -

ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ପ୍ରଭାବ କମ୍ କରିବା ପାଇଁ ନିମ୍ନଲିଖିତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଉଚିତ ।





୧. ଟାଣ ଖରାରେ ବାହାରକୁ ବାହାରନ୍ତୁ ନାହିଁ । ହାଲୁକା, ଫିକା, ଢ଼ିଲା ସୂତା ଲୁଗା ବ୍ୟବହାର କରନ୍ତୁ । ଘରେ ପରଦା ଟାଣନ୍ତୁ । ରାତିରେ ଝରକା ଖୋଲା ରଖନ୍ତୁ, ଫଳରେ ଘର ଥଣ୍ଡା ରହିବ । ଯେତେଥର ସମ୍ଭବ ଥଣ୍ଡା ପାଣିରେ ଗାଧାନ୍ତୁ ।

୨. ଶୋଷ ନଥିଲେ ମଧ୍ୟ ପ୍ରଚୁର ପାଣି ପିଅନ୍ତୁ । ଓ.ଆର୍.ଏସ୍. ପାଉଡର କିମ୍ବା ଘରେ ଉପଲବ୍ଧ ପାନୀୟ ଯଥା : ଲସି, ଘୋଳ ଦହି, ତୋରାଣି, ଲେମ୍ବୁ ପାଣି, ଦୁଧ ଇତ୍ୟାଦି ପ୍ରଚୁର ପରିମାଣରେ ପିଅନ୍ତୁ । ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ ।

୩. ଚା, କଫି, ମାଦକଦ୍ରବ୍ୟ ଓ କାର୍ବନଯୁକ୍ତ ଥଣ୍ଡା ପାନୀୟ ବ୍ୟବହାର କରନ୍ତୁ ନାହିଁ ।

୪. ଯଦି ବାହାରକୁ ଯିବାକୁ ପଡେ, ନିଜକୁ ରକ୍ଷା କରିବା ଭଳି ଉପକରଣ ଯଥା : କଳା ଚଷମା, ଜୋତା ବା ଚପଲ ଏବଂ ଧଳାଛତା ବା ଟୋପି ବ୍ୟବହାର କରନ୍ତୁ । ସାଙ୍ଗରେ ପାଣି ନେବାକୁ ଭୁଲନ୍ତୁ ନାହିଁ ।

୫. ଭୀଷଣ ଖରାରେ ବିଶେଷକରି ଦିନ ୧୨ଟା ଠାରୁ ୩ଟା ପର୍ଯ୍ୟନ୍ତ କଷ୍ଟକର ଶାରୀରିକ ପରିଶ୍ରମ କରନ୍ତୁ ନାହିଁ ।

୬. ବାହାରେ କାମ କରୁଥିଲେ, ଛତା ବା ଟୋପି ବ୍ୟବହାର କରିବା ସହ ଓଦା ଗାମୁଛାରେ ମୁଣ୍ଡ, ବେକଆଦି ଶରୀରର ବିଭିନ୍ନ ଅଂଶକୁ ଘୋଡାଇ ରଖନ୍ତୁ ।

୭. ଅସୁସ୍ଥ ଅନୁଭବ କଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

୮. ବନ୍ଦ ଗାଡ଼ି ଭିତରେ ଛୋଟ ପିଲାଙ୍କୁ ଛାଡି ଆସନ୍ତୁ ନାହିଁ ।

୯. ଗୃହପାଳିତ ପଶୁମାନଙ୍କୁ ମଧ୍ୟ ଛାଇରେ ରଖି ପ୍ରଚୁର ପାଣି ପିଇବାକୁ ଦିଅନ୍ତୁ ।

## ଅଂଶୁଘାତରେ ପୀଡିତ ବ୍ୟକ୍ତିର ଚିକିତ୍ସା

୧. ପୀଡିତ ବ୍ୟକ୍ତିର ଦେହ ଉତ୍ତାପକୁ କମାଇବା ପାଇଁ ଥଣ୍ଡା ଓ ଛାଇ ସ୍ଥାନରେ ଶୁଆଇ ରଖି ପ୍ରଥମେ ଓଦା କନା ବା ଗାମୁଛାରେ ତାଙ୍କୁ ପୋଛି ଦିଅନ୍ତୁ । ଆବଶ୍ୟକ ହେଲେ ମୁଣ୍ଡରେ ଥଣ୍ଡା ପାଣି ଢାଳନ୍ତୁ ।

୨. ଓ.ଆର୍.ଏସ୍. ପାଉଡର ପାଣି, ତୋରାଣି କିମ୍ବା ଲେମ୍ବୁ, ଦହି ସର୍ବତ ଇତ୍ୟାଦି ପିଆଇ ଦେହର ଜଳୀୟଅଂଶ ପରିମାଣକୁ ଠିକ୍ ରଖିବାକୁ ଚେଷ୍ଟା କରନ୍ତୁ ।

୩. ଅଂଶୁଘାତ ବେଳେବେଳେ ମୃତ୍ୟୁର କାରଣ ହୋଇଥାଏ । ଆଘାତପ୍ରାପ୍ତ ବ୍ୟକ୍ତିକୁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବାର ବନ୍ଦୋବସ୍ତ କରନ୍ତୁ ।

### ମନେରଖନ୍ତୁ :

ଅଂଶୁଘାତରେ ପୀଡ଼ିତ ବ୍ୟକ୍ତିଙ୍କୁ ଏକାବେଳକେ ଅତ୍ୟଧିକ ପାନୀୟ ପିଇବାକୁ ଦିଅନ୍ତୁ ନାହିଁ । ସୁସ୍ଥ ହେବା ପର୍ଯ୍ୟନ୍ତ ପ୍ରତି ଅଧ ଘଣ୍ଟାରେ ଅଧା ଗ୍ଲାସ ପାନୀୟ ଦେବା ଉଚିତ ।



# କାଳବୈଶାଖୀ (Tornado)

## (ସୁରକ୍ଷା ଉପାୟ)

ମାର୍ଚ୍ଚ ଓ ଏପ୍ରିଲ୍ ମାସ ଅପରାହ୍ନରେ ଓଡ଼ିଶା ଓ ପଶ୍ଚିମବଙ୍ଗର ଉପକୂଳବର୍ତ୍ତି ଅଞ୍ଚଳରେ ଘଟୁଥିବା ପ୍ରବଳ ଘଡ଼ଘଡ଼ି ସହ ଘୂର୍ଣ୍ଣିବାତ୍ୟାକୁ କାଳବୈଶାଖୀ କୁହାଯାଏ ।

କାଳବୈଶାଖୀ ହଠାତ୍ ଆସିଥାଏ । ଏଣୁ ବହୁ ଆଗରୁ ଏହାର ସୂଚନା ମିଳେ ନାହିଁ । ପାରିପାର୍ଶ୍ୱିକ ଅବସ୍ଥା ଓ ପାଣିପାଗର ନିମ୍ନ ଲକ୍ଷଣ ପ୍ରକାଶ ପାଇଲେ ଏହା ଆସିବାର ସମ୍ଭାବନା ଅଛି ବୋଲି ଅନୁମାନ କରିହେବ ।

୧. ଅନ୍ଧାରିଆ ଓ ସବୁଜ ରଙ୍ଗର ଆକାଶ

୨. କାନ୍ଥ ଭଳି ଦେଖାଯାଉଥିବା ବାଦଲ

୩. ଘଡ଼ଘଡ଼ି ସହ ବଡବଡ କୁଆପଥର

୪. ଧୂଳିଆ ରଙ୍ଗର ବାଦଲ

୫. ନଳୀ ବା କାହାଳୀ ଭଳି ବାଦଲ

୬. ଭୀଷଣ ଶବ୍ଦ

ମାଲଗାଡି ଚାଲୁଥିବା ଭଳି ଶବ୍ଦ କରି ପବନ ବହିଲେ କାଳବୈଶାଖୀ ଆସିପାରେ । ଉପରେ ଖରା ଓ ତଳେ କାଳବୈଶାଖୀ ଦେଖାଯାଇପାରେ । ଏହା ସହିତ ବର୍ଷା ବି ହୋଇପାରେ ।

### ସୁରକ୍ଷା ସୂଚନା :

- ନିଜ ଘରର ଏକ ସୁରକ୍ଷିତ ସ୍ଥାନ ବାଛି କାଳବୈଶାଖୀ ସମୟରେ ପରିବାରର ସମସ୍ତେ ଏକାଠି ରୁହନ୍ତୁ ।



- ଭୂମିର ଅତି ନିକଟତର ହୋଇ ରହନ୍ତୁ । ଏହା ସବୁଠୁ ନିରାପଦ । ଝରକାଠାରୁ ଦୂରେଇ ରହନ୍ତୁ । ଘରର ତଳ ମହଲାର ଭିତରଘର ନିରାପଦ । ବାହାର କାନ୍ଥ ଓ ଆପଣ ରହିଥିବା ସ୍ଥାନ ମଧ୍ୟରେ ଯେତେଗୁଡିଏ କାନ୍ଥ ଥିବ ସେତେ ଭଲ । ଆଶ୍ରୟସ୍ଥଳୀରେ କାଚ ଝରକା ନଥିଲେ ଭଲ । ଝରକା ଗୁଡିକୁ ଖୁବ୍ ଭଲଭାବରେ ବନ୍ଦ କରନ୍ତୁ ।
- କଚ୍ଚା ଘରେ ରହୁଥିଲେ, ନିକଟରେ ଥିବା ପକ୍କାଘରକୁ ଯାଇ ଆଶ୍ରୟ ନିଅନ୍ତୁ ।
- ଯେବେ ଆପଣଙ୍କ ନିକଟରେ କୌଣସି ପକ୍କାଘର ନାହିଁ, ତେବେ ନିଚା ଭୂମି ଉପରେ ପିଠି ମାଡି ଶୋଇ ରହନ୍ତୁ । ଉଡି ଆସୁଥିବା ଜିନିଷର କବଳରୁ ନିଜକୁ ମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ । ନିଚା ଜାଗାରେ ଶୋଇ ରହିଲେ ଉଡୁଥିବା ଜିନିଷ ଆପଣଙ୍କ ଉପର ଦେଇ ଉଡି ଯିବ । ପୋଲ ଆଦି ଦୁର୍ବଳ ଥିଲେ ଭାଙ୍ଗିଯାଇପାରେ, ଏଣୁ ତା ପାଖକୁ ଯାଆନ୍ତୁ ନାହିଁ ।



- ସାଇରନ୍, ଶଙ୍ଖ, ଘଣ୍ଟି କିମ୍ବା ମାଦଳ ବଜାଇ ଅନ୍ୟମାନଙ୍କୁ ଖବର ଦିଅନ୍ତୁ ।
- ବଡ ଟେବୁଲ୍ ଭଳି ଓଜନିଆ ଜିନିଷ ତଳେ ଆଶ୍ରୟ ନିଅନ୍ତୁ । ଏହାକୁ ଜାବୁଡିଧରି ନିଜର ସୁରକ୍ଷା କରନ୍ତୁ । ଏହାତଳେ ରହିଯିବା ଫଳରେ ଉଡି ଆସୁଥିବା ଜିନିଷ ଆପଣଙ୍କ ଉପରେ ପଡିବ ନାହିଁ ।
- ଛୋଟ ପିଲା, ବୟସ୍କ, ଶାରିରୀକ ଅକ୍ଷମ ଲୋକେ ବିଶେଷ ସାହାଯ୍ୟ ଆବଶ୍ୟକ କରନ୍ତି । ସେମାନଙ୍କୁ ସାହାଯ୍ୟ କରନ୍ତୁ ।
- ଉଚ୍ଚା ଓ ଚଉଡାଛାତ ଏବଂ ଆଜବେଷ୍ଟସ ଘର ପବନ ଦ୍ୱାରା ପ୍ରଥମେ ନଷ୍ଟ ହୁଏ । ଏଣୁ ଏଠାରେ ରହିଲେ ଖଣ୍ଡିଆ ଖାବରା ହେବାର ସମ୍ଭାବନା ବଢ଼ିଯାଏ ।
- ଯଦି କାର ଓ ମୋଟର ସାଇକେଲ ବା ସାଇକେଲରେ ଚଢି କୁଆଡେ ଯାଉଥାନ୍ତି, ତେବେ ନିକଟବର୍ତ୍ତୀ କୋଠାଘରକୁ ଚାଲି ଯାଆନ୍ତୁ । ଏହା ଏତେ ଜୋରରେ ଆସେ ଯେ ବିରାଟ ଜିନିଷ ତଥା କାରକୁ ମଧ୍ୟ ଖଣ୍ଡେ ଦୂର ଠେଲି ନେଇପାରେ । ଏହା ଦିଗ ପରିବର୍ତ୍ତନ କରି କାର ଓ ଟ୍ରକ ଆଦିକୁ ଓଲଟାଇ ଖଣ୍ଡେ ଦୂର ପର୍ଯ୍ୟନ୍ତ ଠେଲି ନେଇପାରେ । ଏଣୁ ଏହା ସହିତ ପ୍ରତିଯୋଗିତା କରନ୍ତୁ ନାହିଁ ।

## କାଳବୈଶାଖୀ ଚାଲିଗଲା ପରେ କ'ଣ କରିବେ ?

- ଘଟଣା ବିଷୟରେ ସ୍ଥାନୀୟ ପ୍ରଶାସନ ଯଥା ବିଡ଼ିଓ, ତହସିଲ୍‌ଦାର, ଉପଜିଲ୍ଲାପାଳ, ଜିଲ୍ଲାପାଳ, ପୋଲିସ ବା ଦମକଳ ଅଫିସ୍‌କୁ ତୁରନ୍ତ ଖବର ଦିଅନ୍ତୁ ।
- ଖଣ୍ଡିଆ ଖାବରା ହୋଇଥିବା ଏବଂ ଭଙ୍ଗା ଘର ଭିତରେ ରହିଯାଇଥିବା ଲୋକଙ୍କୁ ଉଦ୍ଧାର କରନ୍ତୁ । ଆବଶ୍ୟକସ୍ଥଳେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରନ୍ତୁ ।
- ତଳେ ଖସିପଡିଥିବା ଇଲେକ୍ଟ୍ରିକ୍ ତାର ସମ୍ବନ୍ଧରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗକୁ

ଜଣାଇ ଦିଅନ୍ତୁ । ସେମାନେ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେବେ, ଯାହା ଫଳରେ ଅଘଟଣକୁ ଏଡାଇ ଦେଇହେବ ।

- ଅଧା ଭାଙ୍ଗିପଡିଥିବା ଘରଠାରୁ ଦୂରରେ ରହନ୍ତୁ ।
- ଭଙ୍ଗାଘର ଭିତରକୁ ପ୍ରବେଶ କରିବାକୁ ଥିଲେ ସତର୍କତା ଅବଲମ୍ବନ କରନ୍ତୁ । ଗୋଡରେ ଉପଯୁକ୍ତ ଯୋତା ବା ଚପଲ ପିନ୍ଧନ୍ତୁ । ଗୋଡ କଟିଯାଇପାରେ ।
- ଘରର ଅବସ୍ଥା ଦେଖିଲା ବେଳେ ଟର୍ଚ୍ଚଲାଇଟ୍ ବ୍ୟବହାର କରନ୍ତୁ ।
- ଘରର ପ୍ରତ୍ୟେକ ଅଂଶ ଯଥା : କାନ୍ଥ, କବାଟ, ଚଟାଣ, ପାହାଚ ଏବଂ ଝରକାର ଅବସ୍ଥା ଦେଖି ଘରଟି ଭୁଷୁଡି ପଡିବ କି ନାହିଁ ସ୍ଥିର କରନ୍ତୁ । କେଉଁଠି ପ୍ଲାଷ୍ଟର ଛାଡିଯାଇଛି, କେଉଁଠି କାନ୍ଥ ଫାଟିଚି ବା ତାଜା ଖରାପ ଅଛି କି ନାହିଁ ଦେଖନ୍ତୁ । ନିରାପଦ ଅଛି କି ନାହିଁ ଜାଣିବା ପରେ ତଦନୁସାରେ ଉକ୍ତ ଘରେ ରହିବେ କି ନାହିଁ ସ୍ଥିର କରନ୍ତୁ ।



# ବଜ୍ରପାତ (Lightning)

## (ସୁରକ୍ଷା ଉପାୟ)

ବଜ୍ରପାତ ଯୋଗୁଁ ପ୍ରତ୍ୟେକ ବର୍ଷ ବହୁଲୋକ ମୃତାହତ ହୁଅନ୍ତି । ବଜ୍ରପାତ ସମୟରେ ଟେଲିଫୋନ୍ ଓ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବା ଲୋକମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇପାରନ୍ତି । ଏଣୁ ନିମ୍ନ ମତେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍ ।

- ବଜ୍ରପାତରୁ ଘରକୁ ରକ୍ଷା କରିବା ପାଇଁ ଘରେ, ଇଲେକ୍ଟ୍ରିସିଆନଙ୍କୁ କହି ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର (lightning arrestor) ଲଗାନ୍ତୁ ।

### ଘରୁ ବାହାରେ ଥିଲେ କ'ଣ କରିବେ

ଆଲୁଅ ଦେଖାଯିବାର ୧୦ ସେକେଣ୍ଡ୍ ଭିତରେ ଘଡଘଡି ଶବ୍ଦ ଶୁଣିଲେ ଏହା ୩ କି.ମି. ଭିତରେ ଅଛି କି ନାହିଁ ଆକଳନ କରିବା ଦରକାର । ଆଲୁଅ ଦିଶିବାର ଯେତେ କମ୍ ସମୟ ଭିତରେ ଶବ୍ଦ ଶୁଭିବ ସେତେ ନିକଟରେ ଏହା ଥିବାର ଜଣାପଡିବ । ଏଣୁ ଆଶ୍ରୟନେବା ସ୍ଥାନକୁ ଶୀଘ୍ର ଚାଲିଯିବା ଉଚିତ୍ ।

- ମୋଟା ଚଦର ଛାତ ଥିବା ଗାଡି କିମ୍ବା ମଜବୁତ୍ ଘରେ ଆଶ୍ରୟ ନିଅନ୍ତୁ । ଖୋଲାଘର ଓ ତମ୍ବୁ ଏ ସମୟରେ ନିରାପଦ ନୁହେଁ ।
- ଗୋଟିଏ କିମ୍ବା ଏକାଧିକ ଛୋଟ ଛୋଟ ଗଛମୂଳେ ଆଶ୍ରୟ ନିଅନ୍ତୁନାହିଁ ।
- ନିରାପଦ ଆଶ୍ରୟସ୍ଥଳୀ ଠାରୁ ଦୂରରେ ଥିଲେ ଗାତ ଜାଗା ଦେଖି ଜାକି ଜୁକି ହୋଇ ଗୋଡଲମ୍ବାଇ ରହିଯାଆନ୍ତୁ । ମୁଣ୍ଡ ଓ ଦେହରୁ ଧାତୁତିଆରି ଜିନିଷ ଅଲଗା କରିଦିଅନ୍ତୁ । ନିଜେ ଯଥାସାଧ୍ୟ କମ୍ ଉଚ୍ଚତାରେ ରୁହନ୍ତୁ ।



- ମୁଣ୍ଡବାଳ ଠିଆ ଠିଆ ହୋଇଗଲେ, କିମ୍ବା ପାଖ ପଥର ଆଦିରୁ ପ୍ରତିଫଳିତ ଶବ୍ଦ କାନକୁ ଶୁଭିଲେ ସେ ସ୍ଥାନ ଛାଡି ଚାଲିଯାଆନ୍ତୁ ।
- ଘଡଘଡି ମାରୁଥିବା ସମୟରେ ଗୁଡି ଉଡାନ୍ତୁ ନାହିଁ ।
- ହାତରେ ମାଛଧରା ବନ୍ଶୀ, ଲୁହାବେଣ୍ଟ ଛତା ବା ଲୁହାଛଡ ଧରନ୍ତୁ ନାହିଁ ।
- ଲୁହାଖମ୍ବ, ଲୁହାଛଡ ଏବଂ ଲୁଗାଶୁଖାଇବା ତାର ଠାରୁ ଦୂରରେ ରୁହନ୍ତୁ ।
- ସାଇକେଲ୍ ଚଲାନ୍ତୁ ନାହିଁ ଏବଂ ଖୋଲାଗାଡିରେ ବୁଲନ୍ତୁ ନାହିଁ ।
- ଯଦି ଗାଡି ଚଲାଉଥାନ୍ତି, ଏହାକୁ ଆସ୍ତେ ଚଲାନ୍ତୁ କିମ୍ବା ଗଛ, ଇଲେକ୍ଟ୍ରି ଲାଇନ୍ ଠାରୁ ଦୁରରେ ରହନ୍ତୁ । କୌଣସି ଧାତୁ ତିଆରି ଜିନିଷକୁ ଛୁଅଁନ୍ତୁ ନାହିଁ ।
- ପାଣି ଭିତରେ ଥିଲେ ପାଣି ବାହାରକୁ ତୁରନ୍ତ ବାହାରି ଆସନ୍ତୁ ।
- ଖୋଲା ପଡିଆରେ ଥିଲେ ସଙ୍ଗେ ସଙ୍ଗେ ଚିତ୍ ହୋଇ ଶୋଇ ଯାଆନ୍ତୁ ।



# ବନ୍ୟା (Flood)

## (ସୁରକ୍ଷା ଉପାୟ)

### ବନ୍ୟା ଆସିବା ଆଗରୁ

- ଆବଶ୍ୟକ ପଡ଼ିଲେ, ନିକଟରେ ଥିବା ଯେଉଁ ନିରାପଦ ଆଶ୍ରୟସ୍ଥଳ/ପକ୍କାଘରକୁ ଚାଲିଯିବେ, ତାହା ଆପଣଙ୍କ ପରିବାରର ସମସ୍ତେ ପୂର୍ବରୁ ଭଲ ଭାବରେ ଜାଣି ରଖିବା ଉଚିତ୍ ।
- ଆପଣଙ୍କ ଅଞ୍ଚଳଟି ବନ୍ୟାପ୍ରପୀଡିତ ହୋଇଥିଲେ ସେଥିପାଇଁ ବିକଳ୍ପ ଘରତିଆରି ସରଞ୍ଜାମ ବ୍ୟବହାର କରିବା ଉଚିତ୍ । ବନ୍ୟାବେଳେ ମାଟିକାନ୍ଥ ଭାଙ୍ଗିଯିବାର ଆଶଙ୍କା ରହିଛି । ସେଥିପାଇଁ ବନ୍ୟାପାଣି ଉଠିଆସୁଥିବା ଉଚ୍ଚତାରୁ ଉର୍ଦ୍ଧ୍ୱରେ ଚଟାଣ ସ୍ତର ଇଟାରେ ତିଆରି କରିବା ଉଚିତ । ସେଥିରେ ସିମେଣ୍ଟ ପଲସ୍ତରା ଦେବା ଉଚିତ ।
- ଦୁର୍ବଳ ନଦୀବନ୍ଧ ଚିହ୍ନଟ କରନ୍ତୁ ଏବଂ ଜଳସେଚନ ବିଭାଗ/ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରନ୍ତୁ ।
- ବନ୍ୟା ମୁକାବିଲା ନିମନ୍ତେ ଗୋଷ୍ଠୀ ସ୍ତରରେ ଯୋଜନା ପ୍ରସ୍ତୁତ କରନ୍ତୁ ଓ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ୍ ଦିଅନ୍ତୁ ତଥା ପଞ୍ଚାୟତ ପ୍ରତିନିଧିଙ୍କ ସହ ସମ୍ପର୍କ ରଖନ୍ତୁ ।
- ପାଖରେ ଗୋଟିଏ ଜରୁରୀ କାଳୀନ ଥଳି ରଖନ୍ତୁ । ସେଥିରେ ନିମ୍ନଲିଖିତ ଜିନିଷ ଗୁଡିକ ରହିବା ଆବଶ୍ୟକ :

(କ) ଗୋଟିଏ ଟ୍ରାନ୍ଜିଷ୍ଟର ରେଡିଓ, ଟର୍ଚ୍ଚଲାଇଟ୍ ଓ ଦୁଇଚାରିଟା ବ୍ୟାଟେରୀ ।

(ଖ) ନିର୍ମଳ ପିଇବା ପାଣି, ଶୁଖିଲା ଖାଦ୍ୟ (ଚୁଡା, ମୁଢି, ଗୁଡ, ବିସ୍କୁଟ) କିରୋସିନ୍, ମହମବତୀ, ଦିଆସିଲି

(ଗ) ବରସାତି କିମ୍ବା ପଲିଥିନ୍ ଜରି (ଯେଉଁଥିରେ ମୂଲ୍ୟବାନ ଜିନିଷ ଗୁଡେଇ ରଖିହେବ), ଗୋଟିଏ ଛତା ଏବଂ ଠେଙ୍ଗା (ସାପ ଦାଉରୁ ରକ୍ଷା ପାଇବା ପାଇଁ), ଲୁଣ ଓ ଚିନି ।

(ଘ) ପ୍ରାଥମିକ ଚିକିତ୍ସା ବାକ୍ସ, ମଜଭୁତ ରସି (ଜିନିଷ ବନ୍ଧାବନ୍ଧି କରିବା ପାଇଁ)

**ବନ୍ୟାଆସିବାର ସତର୍କ ସୂଚନା ମିଳିବା ପରେ କିମ୍ବା ବନ୍ୟା ଆସିଗଲା ବୋଲି ଜାଣିବା ପରେ**

- ସତର୍କ ସୂଚନା ପାଇଁ ରେଡିଓ ଶୁଣନ୍ତୁ ଏବଂ ଟି.ଭି. ଦେଖନ୍ତୁ । ସ୍ଥାନୀୟ ପ୍ରଶାସନ ତଥା ପଞ୍ଚାୟତ ପ୍ରତିନିଧିଙ୍କ ସହ ସମ୍ପର୍କ ରଖନ୍ତୁ ।
- ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ବନ୍ୟା ସତର୍କ ସୂଚନା ମିଳିବା ପରେ ପ୍ରସ୍ତୁତ ହୋଇଯାଆନ୍ତୁ । ଜିଲ୍ଲା ଜରୁରୀ କାର୍ଯ୍ୟାଳୟର ଟୋଲ୍‌ଫ୍ରି ୧୦୭୭ ନମ୍ବର ଫୋନକୁ ଫୋନ କରି ଖବର ନିଅନ୍ତୁ ।





- ଶୁଖିଲା ଖାଦ୍ୟ, ପିଇବା ପାଣି ଓ ଲୁଗାପଟାକୁ ବନ୍ଧାବନ୍ଧି କରି ରଖନ୍ତୁ ।
- ଉଚ୍ଚା ଜାଗା କିମ୍ବା ସୁରକ୍ଷିତ ଜାଗାକୁ ଅତ୍ୟାବଶ୍ୟକ କୃଷି ଯନ୍ତ୍ରପାତି ଏବଂ ଗୃହପାଳିତ ପଶୁମାନଙ୍କୁ ନେଇଯିବାକୁ ପ୍ରସ୍ତୁତ ହୋଇଯାଆନ୍ତୁ ।
- ଘରଭିତରକୁ ପାଣି ପଶିବାର ବିପଦ ଦେଖାଦେଲେ, ତାହା ନିଷ୍କାସନ କରିବାର ଉପାୟ ଚିନ୍ତା କରନ୍ତୁ ।

**ବନ୍ୟା ସମୟରେ**

- ଶିଝା ପାଣି ପିଅନ୍ତୁ । ଜଳ ବିଶୋଧନ ପାଇଁ କ୍ଲୋରିନ୍ ବଟିକା ବ୍ୟବହାର କରନ୍ତୁ ।
- ଖାଦ୍ୟ ପଦାର୍ଥକୁ ଭଲଭାବେ ଘୋଡେଇ ରଖନ୍ତୁ । ପାଣିରେ ଓଦାହୋଇଥିବା ଖାଦ୍ୟ ଖାଆନ୍ତୁ ନାହିଁ ।
- ବେଶି ପରିମାଣରେ ଖାଆନ୍ତୁ ନାହିଁ ।
- ପିଲାମାନଙ୍କୁ ଖାଲିପେଟରେ ରହିବାକୁ ଦିଅନ୍ତୁ ନାହିଁ ।
- ଘର ଚାରିପାଖ ବିଶୋଧନ ପାଇଁ ବ୍ଲିଚିଂ ପାଉଡର ଓ ଚୂନ ବ୍ୟବହାର କରନ୍ତୁ ।
- ରିଲିଫ୍ ବଣ୍ଟନ କରୁଥିବା ସ୍ୱେଚ୍ଛାସେବୀ ବା ସରକାରୀ କର୍ମଚାରୀମାନଙ୍କ ସହ ଯୋଗାଯୋଗ କରନ୍ତୁ ।
- ଅଜଣା ପାଣି ଭିତରକୁ ଯାଆନ୍ତୁ ନାହିଁ । ହାତରେ ବାଡ଼ି ଧରି ପାଣିର ଗଭୀରତା ଜାଣନ୍ତୁ । ପାଣିରେ ସୁଅଥିଲେ, ତା ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ ।

**ଘର ଖାଲିକରିବା ଦରକାର ପଡିଲେ**

- ପ୍ରଥମେ ଶୀତବସ୍ତ୍ର, ଦରକାରୀ ଔଷଧପତ୍ର, ମୂଲ୍ୟବାନ ଜିନିଷ ପତ୍ର, ଜମିପଟ୍ଟା, ସାର୍ଟିଫିକେଟ୍ ଆଦି ମୂଲ୍ୟବାନ କାଗଜପତ୍ର ଗୁଡିକୁ ଗୋଟିଏ ପଲିଥିନ୍ ପ୍ୟାକେଟ୍‌ରେ ରଖି ତାସହିତ ଜରୁରୀ କାଳୀନ ବାକ୍ସକୁ ମଧ୍ୟ ସାଙ୍ଗରେ ଧରନ୍ତୁ ।

- ଆପଣ କେଉଁଠାକୁ ଯାଉଛନ୍ତି, ସେ ବିଷୟରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଖବର ଦିଅନ୍ତୁ ।
- ଖଟ, ମେଜ, ତାଜା ଏବଂ ଅନ୍ୟାନ୍ୟ ଉଚ୍ଚ ଜାଗାରେ ଆସବାବପତ୍ର, ଲୁଗାପଟା ଓ ଅନ୍ୟାନ୍ୟ ଜିନିଷ ରଖିଦିଅନ୍ତୁ ।
- ଘରର ବିଜୁଳୀ ଲାଇନ୍‌ର ମେନ୍‌ସୁଇଚ୍ କାଟିଦିଅନ୍ତୁ ।
- ଘରଭିତରେ ପାଣି ନ ପଶିବା ପାଇଁ ଗାଧୁଆଘର, ପାଇଖାନା ଓ ଘରର ନଳାଗୁଡିକ ବାଲିବସ୍ତା ଦେଇ ବନ୍ଦ କରିଦିଅନ୍ତୁ ।
- ଘରକୁ ଚାବିପକାଇ ଦେଇ ନିକଟସ୍ଥ ଆଶ୍ରୟସ୍ଥଳୀକୁ ନିରାପଦ ବାଟରେ ଚାଲିଯାଆନ୍ତୁ ।

## ଫେରି ଆସିବା ପରେ

- ଶେଷ ଖବର ଜାଣିବା ପାଇଁ ରେଡିଓ ଶୁଣିବା ଜରୁରୀ ।
- ବନ୍ୟା ଜଳରେ ପିଲାଙ୍କୁ ଖେଳିବାକୁ ଛାଡିବା ଅନୁଚିତ ।
- ନାଳ, ନର୍ଦ୍ଦମା ଏବଂ ପାଣି ଜମିଥିବା ଜାଗାକୁ ଗଲାବେଳେ କେତେ ପାଣି ଅଛି ବାଡିରେ ମାପି ଭିତରକୁ ପଶିବା ଉଚିତ୍ ।
- ହଠାତ୍ ବିଜୁଳି ସରଞ୍ଜାମ ବ୍ୟବହାର କରିବା ଠିକ୍ ହେବ ନାହିଁ ।
- ସାପକାମୁଡା ପ୍ରତି ସାବଧାନ ରହିବା ଆବଶ୍ୟକ ।



# ବାତ୍ୟା (Cyclone)
## (ସୁରକ୍ଷା ଉପାୟ)

## ବାତ୍ୟା ଆସିବା ପୂର୍ବରୁ

- ପାଗ ପରିବର୍ତ୍ତନକୁ ନଜର ଦିଅନ୍ତୁ । ରେଡିଓ ଶୁଣି, ଟିଭି ଦେଖି ବାତ୍ୟା ବିଷୟରେ ଜାଣନ୍ତୁ । ଲୋକମାନଙ୍କୁ ଖବରଦେବାପାଇଁ ଉଦ୍ଦିଷ୍ଟ ମାଇକ୍, ଘଣ୍ଟା, ଶଙ୍ଖ, ମାଦଳ ଓ ହୁଳୁହୁଳି ଶବ୍ଦକୁ କାନ ଦିଅନ୍ତୁ ।
- ନିଜ ଘର ପାଖରେ ଥିବା ଆଶ୍ରୟସ୍ଥଳୀକୁ ଚିହ୍ନଟ କରନ୍ତୁ । ଏଠାକୁ ଯିବାର ସବୁଠୁ ସୁବିଧା ବାଟ ଜାଣି ରଖନ୍ତୁ ।
- ଗୁଜବ ରଟାନ୍ତୁ ନାହିଁ କି ଗୁଜବକୁ କାନ ଦିଅନ୍ତୁ ନାହିଁ ।
- ବାତ୍ୟା ସମୟରେ ବ୍ୟବହାର କରିବା ପାଇଁ ଏକ ଅତ୍ୟାବଶ୍ୟକୀୟ ବ୍ୟାଗ୍ ଠିକ୍ କରନ୍ତୁ । ଏଥିରେ ନିମ୍ନ ଜିନିଷ ଗୁଡିକ ରହିବା ଆବଶ୍ୟକ :

(କ) ଗୋଟିଏ ଛୋଟ ଟ୍ରାନ୍‌ଜିଷ୍ଟର, ରେଡିଓ, ଟର୍ଚ୍ଚ ଓ ବ୍ୟାଟେରୀ

(ଖ) ଶୁଖିଲା ଖାଦ୍ୟ : ଚୁଡା, ଛତୁଆ, ମୁଢି ଓ ଗୁଡ ଇତ୍ୟାଦି

(ଗ) ଦିଆସିଲି, ଲଣ୍ଠନ, ଷ୍ଟୋଭ୍, ରୋଷାଇ ସରଞ୍ଜାମ, ପ୍ଲାଷ୍ଟିକ ମୁଣା

(ଘ) ପ୍ରାଥମିକ ଚିକିତ୍ସା ବାକ୍ସ, ଏହାର ବ୍ୟବହାର ବିଷୟରେ ବହି ଇତ୍ୟାଦି

(ଙ) କଟୁରୀ, ଛୋଟ କରତ, କାଙ୍କ ଓ ପ୍ଲାଷ୍ଟିକ୍ ଦଉଡି

- ଘରର ଛପରକୁ ପରଖି ନିଅନ୍ତୁ ଓ ଏହା ଉପରେ ଜାଲ ବା ବାଉଁଶ ଚାପୁଆଣି ଦିଅନ୍ତୁ । କାନ୍ଥ, ଖମ୍ବ, କବାଟ ଓ ଝରକା ନିରାପଦ ଅଛି କି ନାହିଁ ଦେଖନ୍ତୁ । ଦରକାର ଥିଲେ, ଏହାକୁ ମରାମତି କରିନିଅନ୍ତୁ । ଘର ଉପରେ ଟିଣ ଛପର ଥିଲେ ଟିଣ କିପରି ଅଛି ଦେଖିନିଅନ୍ତୁ । ଖରାପ ଟିଣକୁ ବଦଳାଇ ଦିଅନ୍ତୁ । କାଦୁଅ ଲେସା କାନ୍ଥ ଉପରେ ପଲିଥିନ୍ ବା ନଡିଆ ପତ୍ରରେ ତିଆରି ଛପା କିମ୍ବା ନଡା ଛପାକୁ ଗୋଟିଏ ବାଉଁଶ ଫ୍ରେମ୍ ଦେଇ ଘୋଡେଇ ରଖନ୍ତୁ । ଚାଳ ଛପର ଘର ଉପର କୋଣରୁ କୋଣକୁ ପ୍ଲାଷ୍ଟିକ୍ ଦଉଡି ସାହାଯ୍ୟରେ ବାନ୍ଧି ରଖନ୍ତୁ ।
- ଗଛ ଗୁଡିକରୁ ଶୁଖିଲା କାଠ କାଟି ଦିଅନ୍ତୁ । ମଲାଗଛକୁ ହାଣି ଶୁଆଇ ଦିଅନ୍ତୁ । ଅଗଣାରୁ ସବୁ ମଇଳା ସଫା କରିଦିଅନ୍ତୁ । ନଡିଆ ଓ ତାଳଗଛ ଗୁଡିକୁ ସଫା କରିଦିଅନ୍ତୁ ।
- ସହଜରେ ଉଡି ଖଣ୍ଡିଆ ଖାବରା କରିବାର ସମ୍ଭାବନା ଥିବା ଜିନିଷ ଘରେ ଥିଲେ ତାହା ବାହାର କରିଦିଅନ୍ତୁ ।
- ଯଦି ନିଜ ଅଞ୍ଚଳରେ ଜୁଆର ଉଠି ଆସିବାର ସମ୍ଭାବନା ଅଛି, ତେବେ ଉଚ୍ଚା ଜାଗା ଓ ଆଶ୍ରୟସ୍ଥଳୀ ପ୍ରସ୍ତୁତ କରି ରଖନ୍ତୁ ।
- ଘର ଛାଡିବାକୁ ଯିବା ପୂର୍ବରୁ ଗୋଟିଏ ସୁରକ୍ଷିତ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ନିଜର ସମସ୍ତ ଦରକାରୀ କାଗଜପତ୍ର ନେଇଯାନ୍ତୁ ।
- ଦରକାରୀ ଠିକଣା ଓ ଫୋନ୍ ନମ୍ବର ଲେଖିରଖନ୍ତୁ । ନିଜ ଅଞ୍ଚଳରେ ଯେଉଁମାନେ ଉଦ୍ଧାର, ସୁରକ୍ଷା ଓ ରିଲିଫ୍ ଯୋଗାଇବା କାମ କରିବେ, ସେମାନଙ୍କ ଟେଲିଫୋନ୍ ନମ୍ବର ଜାଣି ରଖନ୍ତୁ ।





## ରହୁଥିବା ଜାଗା ଛାଡି ଚାଲିଯିବା ପାଇଁ ସୂଚନା ପାଇବା ପରେ

କେତେବେଳେ ଓ କେଉଁବାଟରେ ନିରାପଦ ସ୍ଥାନକୁ ଯାଇହେବ, ସେ ବିଷୟରେ ସ୍ଥାନୀୟ ରେଡିଓ, ଟିଭି ବା ଅନ୍ୟ ମାଧ୍ୟମରେ ସରକାରୀ ସୂଚନା ଦିଆଯାଇପାରେ ।

- ନିଜକୁ ରକ୍ଷା କରିବା ପାଇଁ ଉପଯୁକ୍ତ ଯୋତା ବା ଚପଲ ପିନ୍ଧନ୍ତୁ ।
- ଦୂର ଜାଗାକୁ ଯିବାକୁ ଥିଲେ ଘରକୁ ତାଲାଦେଇ ଏହାର ଇଲେକ୍ଟ୍ରିକ୍ ମେନସୁଇଚ୍, ଗ୍ୟାସ୍ ଓ ପାଣି ପାଇପ୍ ବନ୍ଦ କରି ଦିଅନ୍ତୁ ।
- ସ୍ଥାନୀୟ ନିରାପଦ ସ୍ଥାନକୁ ଗଲାବେଳେ ନିଜର ମୂଲ୍ୟବାନ ଜିନିଷ, ଗୃହପାଳିତ ପଶୁପକ୍ଷୀ, ଅତ୍ୟାବଶ୍ୟକୀୟ କିଟ୍ ଏବଂ ସର୍ବନିମ୍ନ ଆବଶ୍ୟକୀୟ ଜିନିଷ ସାଥିରେ ନେଇଯାଆନ୍ତୁ ।

- ପ୍ଲାଷ୍ଟିକ୍ ଖୋଳ ଭିତରେ ଗରମ କପଡା, ଆବଶ୍ୟକୀୟ ଜରୁରୀ ଔଷଧ, ଅଳଙ୍କାର, ପଟ୍ଟାପାଉତି, ପିଇବାପାଣି, ଶୁଖିଲା ଖାଦ୍ୟ ଆଦି ରଖି ସେସବୁକୁ ସାଥିରେ ନେଇଯିବା ପାଇଁ ପ୍ରସ୍ତୁତ ହୁଅନ୍ତୁ ।
- ବାତ୍ୟା ପ୍ରକୋପ ବଢିବାର ସମ୍ଭାବନା ଥିଲେ ଗୋଟିଏ ମଜବୁତ ପକ୍କା ଘରକୁ ଉଠି ଯାଆନ୍ତୁ । ନିଜ ସହିତ ନିଜର ଅତ୍ୟାବଶ୍ୟକୀୟ ଜିନିଷର ଥଳୀ ଓ ମୂଲ୍ୟବାନ୍ ଆସବାବପତ୍ର ନେଇଯାଆନ୍ତୁ । ଛୋଟପିଲା, ବୟସ୍କ, ରୋଗୀ, ଅନ୍ତସତ୍ତ୍ୱା ମହିଳା ଓ ପ୍ରସୂତି ମା'ଙ୍କର ବିଶେଷ ଯତ୍ନ ନିଅନ୍ତୁ । ନିଜର ଅତ୍ୟାବଶ୍ୟକୀୟ ଖାଦ୍ୟ, ପିଇବାପାଣି ଓ ଅନ୍ୟାନ୍ୟ ଜିନିଷ ସାଥିରେ ନିଅନ୍ତୁ । ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲି ଯାଆନ୍ତୁ ।
- ନିଜର ପ୍ରିୟ ଲୋକ ଓ ଆବଶ୍ୟକୀୟ ଜିନିଷପତ୍ରର ଏକ ତାଲିକା କରି ସ୍ୱେଚ୍ଛାସେବୀଙ୍କୁ ଦିଅନ୍ତୁ ।
- ନିଜର ମଟର ସାଇକେଲ, ଗାଡି ଆଦିରେ ପେଟ୍ରୋଲ ପୁରାଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ଗଛଠାରୁ ଦୂରରେ ଛାତତଳେ ଏସବୁ ରଖନ୍ତୁ । ଗଛ ଭାଙ୍ଗି ପଡି ଏହା ନଷ୍ଟ ହୋଇପାରେ ।

## ବାତ୍ୟା ଆରମ୍ଭ ହୋଇଗଲା ପରେ

- ଇଲେକ୍ଟ୍ରିକ୍ ଲାଇନ୍ କାଟି ଦିଅନ୍ତୁ । ଗ୍ୟାସ୍ ଚୁଲି ଲିଭାଇ ଦିଅନ୍ତୁ ।
- ଘର ଭାଙ୍ଗି ପଡୁଥିଲେ ନିଜକୁ ଚାଦର/କମ୍ବଳରେ ଘୋଡାଇ ଗୋଟିଏ ମଜବୁତ ଟେବୁଲ୍ ବା ବେଞ୍ଚ ତଳେ ରହିଯାଆନ୍ତୁ । ପାଣି ପାଇପ୍ ଆଦି ଶକ୍ତ ଜିନିଷକୁ ଜାବୁଡି ଧରନ୍ତୁ ।



- ବାତ୍ୟା ଥରେ ଗଲାପରେ ସ୍ଥିର ହୋଇଗଲା ପରି ଜଣାପଡେ । ମାତ୍ର ବାତ୍ୟା ସରିଗଲା ବୋଲି ଭାବିବା ଠିକ୍ ନୁହେଁ । ପୁଣି ବିପରୀତ ଦିଗରୁ ପବନ ବହେ । ସରକାରୀ ଭାବେ ବାତ୍ୟା ଚାଲିଯିବାର ଖବର ପାଇବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।
- ଗାଡି ଚଳାଉଥିଲେ, ବନ୍ଦ କରନ୍ତୁ । ସମୁଦ୍ର କୂଳ ଠାରୁ ଦୁରେଇ ରହନ୍ତୁ । ବଡଗଛ, ଇଲେକ୍ଟ୍ରିଲାଇନ୍ ଓ ପାଣି ଠାରୁ ଦୂରରେ ରହନ୍ତୁ ।
- ମାଛ ଧରିବାକୁ ଗଭୀର ସମୁଦ୍ର ମଧ୍ୟକୁ ଯାଆନ୍ତୁ ନାହିଁ ।

## ବାତ୍ୟା ଚାଲିଗଲା ପରେ

- ସରକାରୀ ଭାବେ ବାତ୍ୟା ସରିବା ଖବର ନପାଇବା ଯାଏ ବାହାରକୁ ବାହାରନ୍ତୁ ନାହିଁ ।
- ଗ୍ୟାସ୍ ଲିକ୍ ହେଉଛି କି ନାହିଁ ପରୀକ୍ଷା କରନ୍ତୁ । ଓଦା ଇଲେକ୍ଟ୍ରିକ୍ ଉପକରଣକୁ ଛୁଅନ୍ତୁ ନାହିଁ ।
- ଆଶ୍ରୟସ୍ଥଳୀକୁ ଯାଇଥିଲେ ସୂଚନା ନ ପାଇଲା ଯାଏ ସେଠାରୁ ପଳେଇ ଆସନ୍ତୁନାହିଁ । ତରତର ନ ହୋଇ ନିରାପଦ ବାଟରେ ନିଜଘରକୁ ଫେରନ୍ତୁ ।
- ଏ ସମୟରେ ସାପକାମୁଡାର ବିଶେଷ ଭୟ ଥାଏ । ସେଥିପ୍ରତି ସାବଧାନ ରହନ୍ତୁ ।

# ଭୂମିକମ୍ପ (Earthquake)
## (ସୁରକ୍ଷା ଉପାୟ)

ଭୂମିକମ୍ପ କେବେ ହେବ, ସାଧାରଣତଃ ଆଗରୁ ତାହାର ସୂଚନା ମିଳିନଥାଏ । ମାତ୍ର ଭୂମିକମ୍ପ ପ୍ରବଣ ଅଞ୍ଚଳ ନିରୂପିତ ହୋଇଛି । ଭୂମିକମ୍ପରୁ ସୁରକ୍ଷା ନିମନ୍ତେ ଆଗରୁ ଏକ ଯୋଜନା ପ୍ରସ୍ତୁତ କରିନିଅନ୍ତୁ । ସେଥିପାଇଁ ନିମ୍ନ ଲିଖିତ ସତର୍କତା ମୂଳକ ପଦକ୍ଷେପ ନିଅନ୍ତୁ ।

- ନିମ୍ନଲିଖିତ ଜିନିଷ ଗୁଡ଼ିକୁ ନିର୍ଦ୍ଧାରିତ ସ୍ଥାନରେ ରଖନ୍ତୁ : ବୋତଲରେ ପିଇବା ପାଣି, ଶୁଖିଲା ଖାଦ୍ୟ (ଚୁଡ଼ା, ଗୁଡ଼ ଇତ୍ୟାଦି), ପ୍ରାଥମିକ ଚିକିତ୍ସା ବାକ୍ସ, ଟର୍ଚ୍ଚ ଲାଇଟ ଏବଂ ବ୍ୟାଟେରୀ ଚାଳିତ ରେଡ଼ିଓ (ଅଧିକା ବ୍ୟାଟେରୀ ସହିତ) ।
- ଇଲେକ୍ଟ୍ରିକ୍ ଲାଇନ୍ କିପରି କଟାଯିବ ଏବଂ ଗ୍ୟାସ୍ ବନ୍ଦ କରାଯିବ, ସେକଥା ପରିବାରର ସବୁ ଲୋକଙ୍କୁ ଶିଖାଇ ଦିଅନ୍ତୁ ।
- ଭୂମିକମ୍ପ ସମୟରେ ଆଶ୍ରୟ ନେବାପାଇଁ ଘରଭିତରେ ଥିବା ନିରାପଦ ସ୍ଥାନ ଏବଂ ମଜବୁତ ଆସବାବପତ୍ର ଚିହ୍ନଟ କରି ରଖନ୍ତୁ ।
- ଭୂମିକମ୍ପ ସମୟରେ ଦୂରସ୍ଥାନରେ ଥିବା ଲୋକଙ୍କୁ ଫୋନ୍ କରିବାକୁ ହେବ । ଦୂରରେ ଥିବା ଏପରି ଜଣେ ବନ୍ଧୁଙ୍କୁ ଠିକ୍ କରନ୍ତୁ, ଯେ ଭୂମିକମ୍ପ ସମୟରେ ଆପଣଙ୍କ ଖବର ଜାଣିପାରିବ । ଯେବେ ଆପଣଙ୍କ ପରିବାରର ଲୋକେ ପରସ୍ପର ଠାରୁ ଅଲଗା ହୋଇଯିବେ, ତେବେ ସମସ୍ତେ ସେହି ଦୂର ସ୍ଥାନରେ ଥିବା ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ ରଖିବେ । ଏଣୁ ଉକ୍ତ ବନ୍ଧୁଙ୍କର ଠିକଣା ଓ ଫୋନ୍ ନମ୍ବର ଘରର ସବୁଲୋକଙ୍କ ପାଖରେ ରହିବା ଉଚିତ ।



### ବାସଗୃହର ସୁରକ୍ଷା

- ନିଜ ଘରେ ଭୂମିକମ୍ପ ପ୍ରତିରୋଧ କଲାଭଳି ଜିନିଷ ଲଗାନ୍ତୁ । ଘରର ମୂଳଦୁଆ ଓ ଚତୁଃପାର୍ଶ୍ୱକୁ ସୁଦୃଢ଼ କରନ୍ତୁ । ଜଣେ ଭଲ ଇଞ୍ଜିନିୟରଙ୍କ ପରାମର୍ଶରେ ମଜବୁତ୍ ଘର ତିଆରି କରନ୍ତୁ ।
- କଚ୍ଚାଘରକୁ ମଧ୍ୟ ଦୃଢ଼ କରିହେବ । କିପରି କରିହେବ ଏ ବିଷୟରେ ଇଞ୍ଜିନିୟରଙ୍କ ପରାମର୍ଶ ନିଅନ୍ତୁ ।

### ନିମ୍ନ ଉପାୟରେ ନିଜକୁ ଭୂମିକମ୍ପ ଦାଉରୁ ବଞ୍ଚାନ୍ତୁ

- ଭୂମିକମ୍ପ ହେବାର ଅନୁଭବ କଲେ ଟେବୁଲ ବା କୌଣସି ଟାଣୁଆ ଆସବାବପତ୍ର ତଳେ ଲୁଚି ଯାଆନ୍ତୁ । ଆଣ୍ଠେଇ ପଡି ବା ବସିଯାଇ ଭୂମି ସହ ଲାଗିଯାଆନ୍ତୁ । ଜିନିଷଟିର ଗୋଡ଼କୁ ଧରି ରହନ୍ତୁ । ଯଦି ଟେବୁଲ ବା ଆପଣ ଯେଉଁ ଜିନିଷ ତଳେ ଆଶ୍ରୟ ନେଇଛନ୍ତି ତାହା ଘୁଞ୍ଚିବାକୁ ଲାଗେ ତେବେ ତା ସହିତ ନିଜେ ମଧ୍ୟ ଘୁଞ୍ଚନ୍ତୁ ।
- ମଜବୁତ୍ ଜିନିଷ ନମିଳିଲେ ଦୃଢ଼ ଭାବରେ ତିଆରି କାନ୍ଥକୁ ଲାଗି ଆଣ୍ଠେଇ ବା ବସି କରି ରହନ୍ତୁ । ହାତ ପାପୁଲିକୁ ଭୂମିରେ ରଖି ଶରୀରର ସନ୍ତୁଳନ ରକ୍ଷାକରନ୍ତୁ ।
- କବାଟ ପାଖରେ ଠିଆ ହୁଅନ୍ତୁ ନାହିଁ । ଖୁବ୍ ଜୋର୍‌ରେ ଦୋହଲିବା ଫଳରେ କବାଟ ବନ୍ଦ ହୋଇଯାଇପାରେ । ଶରୀରକୁ ଆଘାତ ଲାଗିପାରେ ।
- ଝରକା, ଦର୍ପଣ, ବହିଥାକ ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ଜିନିଷଠାରୁ ଦୂରେଇ ରହନ୍ତୁ ।
- ଘର ଭିତରେ ଥିଲେ ବାହାରକୁ ଦଉଡ଼ିବାକୁ ଚେଷ୍ଟା କରନ୍ତୁ ନାହିଁ । ଲିଫ୍ଟ ବ୍ୟବହାର କରନ୍ତୁ ନାହିଁ ।

- କଚ୍ଚାଘରେ ରହୁଥିଲେ ସେଠାରୁ ବାହାରିଯାଇ ଗଛ, ଇଲେକ୍ଟ୍ରି ବା ଫୋନ୍ ଲାଇନ୍ ନଥିବା ଖୋଲାଜାଗାକୁ ଚାଲି ଯାଆନ୍ତୁ ।

## ଘର ବାହାରେ ଥିଲେ

- ଖୋଲା ଜାଗାକୁ ଚାଲି ଯାଆନ୍ତୁ । କୋଠାଘର, ରାସ୍ତାକଡ ଆଲୁଅ, ଟେଲିଫୋନ୍ ତାର ଠାରୁ ଦୂରେଇ ରହନ୍ତୁ । ଭୂମିକମ୍ପ ବନ୍ଦ ହେବାଯାଏ ଖୋଲାଜାଗାରେ ରହନ୍ତୁ ।
- ନିଜ ଘରଟିର ବିଶେଷ କ୍ଷତି ହୋଇଥିଲେ, ତାହାକୁ ଛାଡିଯିବା ଦରକାର । ଏଣୁ ପିଇବା ପାଣି, ଖାଦ୍ୟ, ଔଷଧ ଓ ଅନ୍ୟ ଆବଶ୍ୟକୀୟ ଜିନିଷ, କାଗଜ ପତ୍ର ଧରି ଚାଲିଯାଆନ୍ତୁ ।
- ଛିଡିଯାଇଥିବା ଇଲେକ୍ଟ୍ରି ତାର ଥିବା ଅଞ୍ଚଳକୁ ଯାଆନ୍ତୁ ନାହିଁ । ଏହା ସହିତ ଲାଗି ରହିଥିବା ଧାତୁ ଜିନିଷକୁ ଛୁଅନ୍ତୁ ନାହିଁ ।





- ଭଙ୍ଗାଘର ଭିତରକୁ ଯାଆନ୍ତୁ ନାହିଁ । ବେଶୀ କ୍ଷତିଗ୍ରସ୍ତ ଜିନିଷପତ୍ର ଠାରୁ ଦୂରରେ ରହନ୍ତୁ ।

## ଗାଡିରେ ବସିଯାଉଥିବା ବେଳେ କ'ଣ କରିବେ ?

ଉଚ୍ଚ କୋଠାଘର, ଗଛ, ଓଭରବ୍ରିଜ୍, ଇଲେକ୍ଟ୍ରିକ୍ ତାର ଠାରୁ ଗାଡିକୁ ଦୂରେଇ ନିଅନ୍ତୁ । ଗାଡିଟି ନ ଚଳାଇ ବନ୍ଦ କରି ନିଅନ୍ତୁ ଏବଂ ଗାଡି ଭିତରେ ବସି ରହନ୍ତୁ । ଭୂମିକମ୍ପ ବନ୍ଦ ହେଲାପରେ ଧୀରେ ଧୀରେ ସତର୍କତାର ସହ ଗାଡି ଚଳାନ୍ତୁ । ପୋଲ ଏବଂ ରାସ୍ତାକୁ ଦେଖି ଚାଲନ୍ତୁ । ଏହା ଭୂମିକମ୍ପରେ କ୍ଷତିଗ୍ରସ୍ତ ହୋଇଥାଇପାରେ ।

## ଭୂମିକମ୍ପ ପରେ

ଭୂମିକମ୍ପ ପରେ ନିମ୍ନ କେତେଗୁଡିଏ ବିଷୟ ପ୍ରତି ଦୃଷ୍ଟିଦେବା ଦରକାର ।

- ପ୍ରଥମ କମ୍ପନ ପରେ ପରବର୍ତ୍ତୀ କମ୍ପନ ପାଇଁ ପ୍ରସ୍ତୁତ ରୁହନ୍ତୁ । ଯଦିଓ ଏହାର ପ୍ରଭାବ ଅପେକ୍ଷାକୃତ କମ୍ ହୋଇଥାଏ, ଦୁର୍ବଳ କାନ୍ଥ ବାଡକୁ ଏହା ଭାଙ୍ଗିଦେଇପାରେ । ଭୂମିକମ୍ପର କିଛି ଘଣ୍ଟାପରେ କିମ୍ବା କିଛିଦିନ ବା ସପ୍ତାହ ବା ଏପରିକି କିଛି ମାସ ପରେ ଏପରି କମ୍ପନ ଦେଖାଦେଇପାରେ ।
- ଭୂମିକମ୍ପ ପରେ ନିଆଁ ଲାଗିଯାଇପାରେ । ସେଥିପ୍ରତି ସଜାଗ ରୁହନ୍ତୁ । ମହମବତୀ ବା ଲଣ୍ଠନ ନ ଲଗାଇ ଟର୍ଚ୍ଚଲାଇଟ୍ ବ୍ୟବହାର କରନ୍ତୁ । ଭୂମିକମ୍ପ ପରେ ଯଦି ଆପଣ ରହୁଥିବା ଘର ଦୃଢ଼ ଅଛି ତେବେ ତା ଭିତରେ ରହି ରେଡଓରେ ଦିଆଯାଉଥିବା ପରାମର୍ଶକୁ ଶୁଣନ୍ତୁ ଓ ଗ୍ରହଣ କରନ୍ତୁ । ନିଜ ଘରର କ'ଣ କ୍ଷୟକ୍ଷତି ହୋଇଛି, ଯଦି ଜାଣି ନାହାନ୍ତି ତେବେ ଧୀରସ୍ଥିର ଭାବରେ ଘରଛାଡି ପଦାକୁ ଚାଲିଆସନ୍ତୁ ।
- ଆଘାତପ୍ରାପ୍ତ ଏବଂ ଭଗ୍ନସ୍ତୁପ ମଧ୍ୟରେ ରହିଯାଇଥିବା ଲୋକଙ୍କୁ ସହାୟତା ଦିଅନ୍ତୁ । ଆବଶ୍ୟକସ୍ଥଳେ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରନ୍ତୁ ।

- ନିଜ ପଡ଼ୋଶୀଙ୍କ ମଧ୍ୟରୁ ଛୋଟପିଲା, ବୟସ୍କ ଲୋକେ ଏବଂ ଅକର୍ମଣ୍ୟ ଲୋକେ ଆପଣଙ୍କ ସାହାଯ୍ୟ ଦରକାର କରିପାରନ୍ତି । ସେମାନଙ୍କୁ ସାହାଯ୍ୟ କରନ୍ତୁ ।
- ଆପଣଙ୍କ ଘର ସୁରକ୍ଷିତ ବୋଲି ପରୀକ୍ଷା କରିବାପରେ ଘରକୁ ଫେରନ୍ତୁ । ଚଟାଣରେ ପଡ଼ିଥିବା ଔଷଧ ପତ୍ର, ରାସାୟନିକ ପଦାର୍ଥ, ଖଣିଜ ତୈଳ ଆଦିକୁ ତୁରନ୍ତ ସଫା କରିନିଅନ୍ତୁ । କାରଣ ଏଥିରେ ସହଜରେ ନିଆ ଲାଗି ଯାଇପାରେ । ଅନ୍ୟ କୌଣସି ରାସାୟନିକ ପଦାର୍ଥର ଧୂଆଁ କିମ୍ବା ଗ୍ୟାସ୍ ଗନ୍ଧ ହେଉଥିଲେ ସେ ଜାଗା ଛାଡ଼ିଦିଅନ୍ତୁ । କାଛ ଆଲମିରା କବାଟକୁ ଧୀରେ ଖୋଲନ୍ତୁ ।
- ଗ୍ୟାସ୍ ଗନ୍ଧ ହେଉଥିଲେ କିମ୍ବା ହୁଇସିଲ୍ ଶବ୍ଦ ଶୁଭୁଥିଲେ ଝରକା ଖୋଲିଦେଇ ଘରଛାଡ଼ି ବାହାରକୁ ଚାଲିଯାଆନ୍ତୁ । ଗ୍ୟାସ୍ ସିଲିଣ୍ଡର ଉପରେ ଥିବା ସୁଇଚ୍‌କୁ ବନ୍ଦ କରି ଦିଅନ୍ତୁ ।
- ଇଲେକ୍ଟ୍ରିକ୍‌ତାର ଛିଣ୍ଡିଯିବା, ନିଆଁ ଝୁଲ ଦିଶିବା ଓ ଜଳିବା ଗନ୍ଧ ହେଲେ ମୁଖ୍ୟ ସୁଇଚ୍ ଠାରୁ ତାହା ବନ୍ଦ କରିଦିଅନ୍ତୁ ।
- ଅତି ଆବଶ୍ୟକ ହେଲେ ଯାଇ ଟେଲିଫୋନ୍ ବ୍ୟବହାର କରନ୍ତୁ । ମୋବାଇଲ୍ ଫୋନ୍ କାମ କରୁଥିଲେ ମଧ୍ୟ କମ୍ ବ୍ୟବହାର କରନ୍ତୁ । ଅତି ଆବଶ୍ୟକ ହେଲେ SMS କରନ୍ତୁ । ଏହାଦ୍ୱାରା ମୋବାଇଲ୍ ନେଟୱାର୍କ ଜାମ୍ ହୁଏ ନାହିଁ ।



# ସୁନାମୀ (Tsunami)

ସମୁଦ୍ର ତଳେ ବଡ଼ଧରଣର ଭୂମିକମ୍ପ, ସ୍ତରଚ୍ୟୁତି କିମ୍ବା ଆଗ୍ନେୟଗିରି ଉଦ୍‌ଗୀରଣ ହେଲେ ସମୁଦ୍ରରେ ସୃଷ୍ଟି ହେଉଥିବା ବିଶାଳ ଓ ଅତି ବେଗଗାମୀ ତରଙ୍ଗକୁ ସୁନାମୀ କୁହାଯାଏ । ଗଭୀର ମହାସାଗରକୁ ଅତିକ୍ରମ କରୁଥିବା ଏହି ତରଙ୍ଗମାଳାର ବେଗ ଘଣ୍ଟାକୁ ପ୍ରାୟ ୮୦୦ କି.ମି. ରୁ ୧୦୦୦ କି.ମି. ପର୍ଯ୍ୟନ୍ତ ହୋଇପାରେ ଏବଂ ଗୋଟିଏ ତରଙ୍ଗର ଶୀର୍ଷରୁ ଅନ୍ୟ ତରଙ୍ଗର ଶୀର୍ଷ ମଧ୍ୟରେ ଦୂରତା ହୁଏତ ୧୫୦ କି.ମି. ପର୍ଯ୍ୟନ୍ତ ହୋଇପାରେ । ଏହି ତରଙ୍ଗର ଉଚ୍ଚତା ମାତ୍ର ୧ ମିଟର ପର୍ଯ୍ୟନ୍ତ ହୋଇଥିଲେ ହେଁ ଏହାର କ୍ଷୟକାରୀ ଶକ୍ତି ବେଶ୍ ଅଧିକ । ସୁନାମୀ ସ୍ରୋତ ଉପକୂଳ ନିକଟବର୍ତ୍ତୀ ହୋଇ ଅଗଭୀର ଜଳ ମଧ୍ୟରେ ପ୍ରବେଶକଲେ ଏହାର ବେଗ ହ୍ରାସ ପାଏ ସତ, ମାତ୍ର ଉଚ୍ଚତା ୪୦ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଏକ ବଡ ସୁନାମୀ ସମୁଦ୍ର କୂଳରୁ ଭୂଭାଗ ମଧ୍ୟକୁ ପ୍ରାୟ ୧.୫ କି.ମି. ପର୍ଯ୍ୟନ୍ତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିପାରେ ।

## ସୁନାମୀରୁ ସୁରକ୍ଷା ଉପାୟ

ସୁନାମୀ ଆଶଙ୍କା ଥିବା ଅଞ୍ଚଳରୁ ତତ୍‌କାଳ ସ୍ଥାନାନ୍ତରହିଁ ସୁନାମୀରୁ ରକ୍ଷାପାଇବାର ଏକମାତ୍ର ଉପାୟ । ପ୍ରାକ୍ ପ୍ରସ୍ତୁତି ପାଇଁ ସୁନାମୀ ତରଙ୍ଗ ଯଥେଷ୍ଟ ସମୟ ଦିଏନାହିଁ । ସୁନାମୀ ଉତ୍ପତ୍ତି ସ୍ଥଳରୁ ବିପଦ ଆଶଙ୍କାଥିବା ଅଞ୍ଚଳ ମଧ୍ୟରେ ଦୂରତା ଏବଂ ଢେଉର ବେଗ ଉପରେ ନିର୍ଭରକରେ ପ୍ରାକ୍ ପ୍ରସ୍ତୁତି ପାଇଁ ମିଳୁଥିବା ସମୟ । ଏହି ସମୟ ହୁଏତ କେତେ ମିନିଟରୁ ଅଳ୍ପ କେଇ ଘଣ୍ଟା ମଧ୍ୟରେ ହୋଇଥାଏ । ଏଣୁ ସୁନାମୀ ଆଶଙ୍କା ଥିବା ଅଞ୍ଚଳରେ ବହୁପୂର୍ବରୁ ପ୍ରସ୍ତୁତି ଓ ସଚେତନତା କାର୍ଯ୍ୟକ୍ରମ ହେବା ଆବଶ୍ୟକ ।

ସୁନାମୀ ପ୍ରବଣ ଅଞ୍ଚଳରେ ବିପଦ ସଙ୍କୁଳ ନକ୍ସା (Hazard Map) ତିଆରି କରାଯାଇ ସ୍ଥାନାନ୍ତର ପାଇଁ ବାହାରକୁ ଯିବା ରାସ୍ତା ନିରୂପିତ ହେବା ସହ ଏ ବିଷୟରେ

ସମସ୍ତେ ଅବଗତ ଥିବା ଆବଶ୍ୟକ । ବିପଦସଂକୁଳ ଅଞ୍ଚଳର ସମସ୍ତଙ୍କ ପାଖରେ ସତର୍କ ସୂଚନା ତତ୍କାଳ ପହଞ୍ଚିବା ପାଇଁ ବ୍ୟବସ୍ଥା ରହିବା ଆବଶ୍ୟକ । ଗୋଷ୍ଠୀ ସ୍ତରରେ ସୁରକ୍ଷା ଯୋଜନା ପ୍ରସ୍ତୁତ ହୋଇଥିବା ଉଚିତ୍ ।

## ସୁନାମୀ ପୂର୍ବରୁ

**ଯଦି ଆପଣ ଏକ ସୁନାମୀ ପ୍ରବଣ ଅଞ୍ଚଳରେ ରହୁଥାନ୍ତି :**

୧. ଆପଣଙ୍କ ଘର, କର୍ମସ୍ଥଳୀ, ସ୍କୁଲ ଇତ୍ୟାଦି ସୁନାମୀ ଆଶଙ୍କାଥିବା ଅଞ୍ଚଳରେ ଅଛିକି ନା ତାହା ତନଖି ନିଅନ୍ତୁ ।

୨. ସମୁଦ୍ର ପତ୍ତନଠାରୁ ଆପଣଙ୍କ ଘର, କର୍ମସ୍ଥଳୀ, ସ୍କୁଲ ସହ ସଂଯୋଗ ରାସ୍ତାର ଉଚ୍ଚତା ଓ ସମୁଦ୍ରକୂଳ ଠାରୁ ଏ ସ୍ଥାନର ଦୂରତା ଜାଣି ରଖନ୍ତୁ । ଏହି ସବୁ ସ୍ଥାନରୁ ସ୍ଥାନାନ୍ତର ହେବାକୁହେଲେ କେଉଁ ରାସ୍ତା ଆପଣଙ୍କ ପାଇଁ ନିରାପଦ ହେବ ଜାଣି ରଖନ୍ତୁ ।

୩. ଆପଣଙ୍କ ପିଲା ପଢୁଥିବା ସ୍କୁଲ୍‌ର ସୁରକ୍ଷା ଯୋଜନା ବିଷୟରେ ଅବଗତ ଥାଆନ୍ତୁ ।

୪. ନିଜ ପରିବାର ସହ ସୁନାମୀ ବିଷୟରେ ଆଲୋଚନା କରନ୍ତୁ ଏବଂ ସ୍ଥାନାନ୍ତର ରାସ୍ତା ବିଷୟରେ ଜଣାଇଦିଅନ୍ତୁ ।





୫. ରେଡିଓ, ଟିଭି ଓ ଅନ୍ୟାନ୍ୟ ସୂତ୍ରରୁ ସତର୍କ ସୂଚନା ଜାଣିବା ପାଇଁ ସଦା ସଜାଗ ରହନ୍ତୁ ।

## ବାସଗୃହ ଓ ଆସବାବପତ୍ରର ସୁରକ୍ଷା

୧. ସମୁଦ୍ର କୂଳରୁ ୫୦୦ ମିଟର ମଧ୍ୟରେ ବାସଗୃହ ତିଆରି କରନ୍ତୁ ନାହିଁ, କାରଣ ଏହି ସୀମା ମଧ୍ୟରେ କ୍ଷତି ସର୍ବାଧିକ ହୁଏ ।

୨. ଘରର ମେଜିଆ ପତ୍ତନ ଯଥେଷ୍ଟ ଉଚ୍ଚ କରନ୍ତୁ । ଅଧିକାଂଶ ସୁନାମୀ ଢେଉ ସମୁଦ୍ର ପତ୍ତନରୁ ୩ ମିଟରରୁ ଅଧିକ ଉଚ୍ଚତାରେ ହୋଇଥାଏ ।

୩. ଘରଭିତରେ ସମୁଦ୍ରପାଣି ପଶି ନଯିବା ପାଇଁ ବ୍ୟବସ୍ଥା କରନ୍ତୁ ଏବଂ ଜଣେ ଇଂଜିନିୟରଙ୍କ ଦ୍ୱାରା ଏହା ତନଖି କରି ନିଅନ୍ତୁ ।

## ସୁନାମୀ ସୂଚନା ପାଇବା ପରେ

୧. ଯଦି ଆପଣ ୨୦ ସେକେଣ୍ଡରୁ ଅଧିକ ସମୟ ପର୍ଯ୍ୟନ୍ତ ଭୂମିକମ୍ପ ଅନୁଭବ କରନ୍ତି, ପ୍ରଥମେ ନିଜକୁ ଭୂମିକମ୍ପରୁ ରକ୍ଷା କରନ୍ତୁ । କମ୍ପନ କମିଗଲା ପରେ ନିଜ ପରିବାରର ସମସ୍ତଙ୍କ ସହ ଉପକୂଳର ବିପରୀତ ଦିଗରେ ଥିବା ଉଚ୍ଚସ୍ଥାନକୁ ଚାଲିଯାଆନ୍ତୁ । ଯେ କୌଣସି ସମୟରେ ସୁନାମୀ ଆସିପାରେ ।

୨. ତଳେ ପଡିଥିବା ଇଲେକ୍ଟ୍ରିକ୍ ତାର, ପକ୍କା ଘର ବା ପୋଲ ପାଖକୁ ଯାଆନ୍ତୁ ନାହିଁ । ଆପଣ ସୁନାମୀ ସୂଚନା ପାଇଥିଲେ ଅନ୍ୟ ସମ୍ପର୍କୀୟମାନଙ୍କୁ ଜଣାନ୍ତୁ ।

୩. ଯଦି ଆପଣଙ୍କ ପିଲା ସ୍କୁଲରେ ଥାଆନ୍ତି, ସ୍କୁଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମାନିବାକୁ ଉପଦେଶ ଦିଅନ୍ତୁ ।

୪. ଯଦି ଆପଣ ସମୁଦ୍ରକୂଳରେ ଥାଆନ୍ତି ଓ କମ୍ପନ ଅନୁଭବ କରନ୍ତି, ତେବେ ତତ୍କାଳ ଉଚ୍ଚସ୍ଥାନକୁ ପଳାଇଯାଆନ୍ତୁ । ସୂଚନା ପାଇଁ ଅପେକ୍ଷା କରନ୍ତୁ ନାହିଁ ।

## ଯଦି ଆପଣ ସମୁଦ୍ର ଭିତରେ ଡଙ୍ଗାରେ ଥାଆନ୍ତି

୧. ତୁରନ୍ତ କୂଳକୁ ଆସନ୍ତୁ ନାହିଁ ।

୨. ନିକଟସ୍ଥ ପୋର୍ଟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରନ୍ତୁ ।

୩. ସମୁଦ୍ର କୂଳରେ ଓ ଡଙ୍ଗାରେ ଥିଲେ ତୁରନ୍ତ ଡଙ୍ଗା ଛାଡି ଉଚ୍ଚସ୍ଥାନକୁ ଚାଲିଯାଆନ୍ତୁ ।

## ସୁନାମୀ ପରେ

୧. ସୁନାମୀ ସମ୍ପର୍କୀୟ ସବିଶେଷ ସୂଚନା ଓ ତଥ୍ୟ ପାଇଁ ରେଡିଓ ଶୁଣନ୍ତୁ ।

୨. ନିଜର ଟେଲିଫୋନ୍ ଲାଇନ୍ ଫାଙ୍କା ରଖନ୍ତୁ ଏବଂ କେବଳ ଅତି ଜରୁରୀ ସମୟରେ ବ୍ୟବହାର କରନ୍ତୁ । SMS କରନ୍ତୁ ।

୩. ନିଜର କ୍ଷତ ପରୀକ୍ଷା କରନ୍ତୁ । ଆଶୁ ଚିକିତ୍ସା ନିଅନ୍ତୁ । ଅନ୍ୟ ଲୋକଙ୍କୁ ଉଦ୍ଧାରରେ ସାହାଯ୍ୟ କରନ୍ତୁ ।

୪. ଆପଣଙ୍କ ଘର ଚାରିପଟେ ସୁନାମୀ ପାଣି ପଶିଥିଲେ, ଘରର ମୂଳଦୁଆ ମେଜିଆ, ଛାତ ବା କାନ୍ଥ ଦୁର୍ବଳ ହୋଇଯାଇ ଥାଇପାରେ । ଏହାଠାରୁ ଦୂରେଇ ରହନ୍ତୁ ଏବଂ ପରୀକ୍ଷା ନ କରି ଘରକୁ ଯାଆନ୍ତୁ ନାହିଁ ।

୫. ଇଲେକ୍ଟ୍ରିକ୍‌ତାର ଛିଣ୍ଡି ଯାଇଥାଇପାରେ ବା ଗ୍ୟାସ୍ ଲିକ୍ ହୋଇଥାଇପାରେ । ପାଣି ପାଇପ୍ ଓ ସ୍ୱିରେଜ୍ ଲାଇନ୍ ଫାଟି ଥାଇପାରେ । କାନ୍ଥ ଓ ଛାତରୁ ଅତଡା ଖସିପାରେ । ପରୀକ୍ଷା କରିନିଅନ୍ତୁ ।

୬. ବନ୍ୟା ଓ ଭୂମିକମ୍ପର ଅନ୍ୟାନ୍ୟ ସୁରକ୍ଷା ସୂଚନା ଅନୁସରଣ କରନ୍ତୁ ।

୭. ବିଷାକ୍ତ ଜୀବଜନ୍ତୁମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ଗୃହପାଳିତ ପଶୁମାନଙ୍କର ଖାଦ୍ୟ ପାନୀୟ ଓ ସୁରକ୍ଷାର ବ୍ୟବସ୍ଥା କରନ୍ତୁ ।



# ଅଗ୍ନିକାଣ୍ଡ (Fire Accident)

**(କ) ଘରପୋଡ଼ି –**

ନୂଆଣିଆ ଚାଳଘର, ଗ୍ରାମାଞ୍ଚଳରେ ଲଗାଲଗି ହୋଇ ରହିଥିବା ଘର ସମୁହ, ଧାନଗଦା, ପାଳଗଦା, ଝୋଟଗଦା ଇତ୍ୟାଦି ପାଇଁ ଅଗ୍ନିକାଣ୍ଡ ଏକ ବଡ ବିପତ୍ତି । ଏ ବିପତ୍ତିରୁ ସୁରକ୍ଷା ପାଇଁ ନିମ୍ନ ଲିଖିତ ବିଷୟପ୍ରତି ଧ୍ୟାନ ଦିଅନ୍ତୁ ।

- ନୂଆଣିଆ ଚାଳଘର, ଧାନଗଦା, ପାଳଗଦା ଓ ଝୋଟଗଦା ପାଖରେ ନିଆଁ ଜାଳନ୍ତୁ ନାହିଁ ।
- ଏ ସବୁ ସ୍ଥାନ ପାଖରେ ବିଡି, ସିଗାରେଟ ଝୁଲ ସମ୍ପୂର୍ଣ୍ଣ ନଲିଭାଇ ଫିଙ୍ଗି ଦିଅନ୍ତୁ ନାହିଁ ।
- ବସ୍ତି ଅଞ୍ଚଳ ନିକଟରେ ଆତସବାଜୀ କରନ୍ତୁ ନାହିଁ ।
- ପିଲାଙ୍କ ହାତରେ ଡିବିରିବତୀ, ଲଣ୍ଠନ, ଦିଆସିଲି ଦିଅନ୍ତୁ ନାହିଁ ।
- ଘରେ ବା ଗୁହାଳରେ ଧୂଆଁ ଦେଇ ଛାଡି ଯାଆନ୍ତୁ ନାହିଁ । ଲିଭିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।
- ରୋଷେଇ ପରେ ଚୂଲୀରେ ପାଣି ଢାଳି ଲିଭାଇ ଦିଅନ୍ତୁ ।
- ଘରେ ଅସୁରକ୍ଷିତ ଇଲେକ୍ଟ୍ରିକ୍ ସଂଯୋଗ କରନ୍ତୁ ନାହିଁ । ହୁକ ପକାନ୍ତୁ ନାହିଁ ।
- ଦମ୍‌କଳ ଅଫିସ୍‌ର ଫୋନ୍ ନମ୍ବର ସମସ୍ତେ ଜାଣି ରଖନ୍ତୁ ।
- ପଡୋଶୀ ଘରେ ନିଆ ଲାଗିଥିବାର ଜାଣିଲେ, ନିଜ ଘର, ଆସବାବପତ୍ରର ସୁରକ୍ଷା କରନ୍ତୁ । ପବନ ଯେଉଁ ଦିଗରୁ ବହୁଥିବ ଏହାର ଦିଗର ବିପରୀତ

ଦିଗରେ ଥିବା ଘର ଗୁଡ଼ିକୁ ନିଆଁ ବ୍ୟାପିବାର ସମ୍ଭାବନା ବେଶୀଥାଏ । ସେଇ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ ।

**(ଖ) ସହରାଞ୍ଚଳରେ ଥିବା ଉଚ୍ଚ ଅଟ୍ଟାଳିକା (Apartments) ଅଗ୍ନିକାଣ୍ଡ ।**

## ଯଦି ଆପଣ ଆପାର୍ଟମେଣ୍ଟରେ ରହୁଥାଆନ୍ତି

- ଘରେ ଧୂଆଁ ନିର୍ଣ୍ଣାୟକ ଯନ୍ତ୍ର (Smoke detector) ଲଗାନ୍ତୁ ଏବଂ ଏହାକୁ ନିୟମିତ ପରୀକ୍ଷା କରନ୍ତୁ ।
- ଜରୁରୀ ବହିର୍ଗମନ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ଏହାକୁ ଅଭ୍ୟାସ୍ କରନ୍ତୁ ।
- ଆପାର୍ଟମେଣ୍ଟରେ ନିଆଁ ଲିଭା ଯନ୍ତ୍ର (Fire extinguisher) ଥିବା ସ୍ଥାନ ଜାଣିଥାନ୍ତୁ ଏବଂ ଏହାକୁ ନିୟମିତ ପରୀକ୍ଷା କରନ୍ତୁ ।
- ଜରୁରୀ ନିର୍ଗମନ ବାଟର ଚାବି କେଉଁଠି ଅଛି ସମସ୍ତେ ଜାଣି ରଖନ୍ତୁ ।
- ଆପାର୍ଟମେଣ୍ଟରେ ଅଗ୍ନି ସତର୍କ ସାଇରନ୍ ଲଗାନ୍ତୁ ଏବଂ ଏହାକୁ ମଝିରେ ମଝିରେ ପରୀକ୍ଷା କରାଇ ନିଅନ୍ତୁ ।
- ଥାନା, ଦମକଳ କେନ୍ଦ୍ର ଓ ଅନ୍ୟାନ୍ୟ ଜରୁରୀ ଫୋନ୍ ନମ୍ବର ଟେଲିଫୋନ୍ ପାଖରେ ରଖନ୍ତୁ ଏବଂ ସମସ୍ତେ ଜାଣିଥାନ୍ତୁ ।
- ଇଲେକ୍ଟ୍ରିକ୍ କନେକ୍ସନ ଗୁଡ଼ିକୁ ମଝିରେ ମଝିରେ ପରୀକ୍ଷା କରାଇ ନିଅନ୍ତୁ ।
- ନିଆଁ ବା ଉତ୍ତାପ ଉତ୍ସ ନିକଟରେ କୌଣସି ଜାଳେଣି ଦ୍ରବ୍ୟ ଯଥା କିରୋସିନି ବା ଗ୍ୟାସ୍ ରଖନ୍ତୁ ନାହିଁ ।
- ନିଜ ଲୁଗାରେ ନିଆଁ ଲାଗିଲେ ଦୌଡ଼ନ୍ତୁ ନାହିଁ । ତଳେ ଗଡ଼ିଯାଆନ୍ତୁ । (Stop, drop & roll) ଏକଥା ଘରେ ସମସ୍ତଙ୍କୁ ଶିଖାନ୍ତୁ ।



- ଅତି ଛୋଟ ପିଲାଙ୍କୁ ଘରେ ଏକୁଟିଆ ଛାଡ଼ି ଯାଆନ୍ତୁ ନାହିଁ । ସେମାନେ ଇଲେକ୍ଟ୍ରିକ୍ କନେକ୍ସନ୍ କିମ୍ବା ଗ୍ୟାସ୍ ଆଦିରେ ଲାଗିବାର ସମ୍ଭାବନା ଅଛି । ସତର୍କ ରୁହନ୍ତୁ ।

## ନିଆଁ ଲାଗିବାର ଜାଣିଲେ

- ଦମକଳ ଅଫିସ୍, ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ନମ୍ବରକୁ ଫୋନ୍ କରନ୍ତୁ ।
- ପଡ଼ୋଶୀମାନଙ୍କୁ ସତର୍କ କରାଇ ଦିଅନ୍ତୁ ।
- ବିଦ୍ୟୁତ୍ ସଂଯୋଗ କାଟି ଦିଅନ୍ତୁ ।
- ଆପଣଙ୍କ ପରିବାର ସହ ଧିରେ ବାହାରି ଆସନ୍ତୁ ଓ ଘର କବାଟ ବନ୍ଦ କରିଦିଅନ୍ତୁ । ମାତ୍ର ତାଲା ଦିଅନ୍ତୁ ନାହିଁ ।
- ନିକଟତମ ଅଗ୍ନି ସତର୍କ ସାଇରନ୍ ବଜାନ୍ତୁ ।
- ଆପାର୍ଟମେଣ୍ଟରୁ ପାହାଚ ଦେଇ ଓହ୍ଲାନ୍ତୁ । କେବେ ବି ଲିଫ୍ଟରେ ଆସନ୍ତୁ ନାହିଁ ।



## ଯଦି ଆପଣଙ୍କ ବାହାରିବା ରାସ୍ତା ନିଆଁ ବା ଧୂଆଁରେ ଅବରୁଦ୍ଧ ଥାଏ

- ଦୁଆର ଖୋଲିବା ପୂର୍ବରୁ, କବାଟ ତାତିଛି କି କ'ଣ ହାତମାରି ପରୀକ୍ଷା କରନ୍ତୁ ।
- ଯଦି ଦୁଆର ଥଣ୍ଡା ଥାଏ ତେବେ ଆସ୍ତେ ଅଳ୍ପ ଖୋଲି ବାହାର ଅବସ୍ଥା ଦେଖନ୍ତୁ । ଯଦି ପାହାଚ ବା ତଳ ମହଲାରେ ନିଆଁ ବା ଧୂଆଁ ଦେଖି ପାରନ୍ତି, ତେବେ ଯାଆନ୍ତୁ ନାହିଁ ।
- ଯଦି ବାହାରେ ଧୂଆଁ ନାହିଁ, ତେବେ ପାହାଚବାଟେ ତଳକୁ ଓହ୍ଲାଇ ଯାଆନ୍ତୁ ।
- ଧୂଆଁ ଘରେ ନ ପଶିବା ପାଇଁ, ଦୁଆରର ନିମ୍ନଭାଗରେ ଏକ ଓଦାଲୁଗା ଚାପି ଦିଅନ୍ତୁ ।
- ଜରୁରୀ ନମ୍ବରରେ ଫୋନ୍ କରନ୍ତୁ ଏବଂ ସେ କ'ଣ କହୁଛନ୍ତି ଶୁଣନ୍ତୁ ଏବଂ ସେଇଭଳି କରନ୍ତୁ ।
- ଆପଣଙ୍କୁ କେହି ଉଦ୍ଧାର କରିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ ।

## ଆପଣଙ୍କ ନିଜ ଆପାର୍ଟମେଣ୍ଟରେ ନିଆଁ ଲାଗିଗଲେ

- ଗୁରୁଣ୍ଡି ଗୁରୁଣ୍ଡି ବାହାରକୁ ଯାଆନ୍ତୁ ।
- ଯଦି ଆପଣଙ୍କ ଘରେ ବାଲକୋନି ଅଛି ଓ ସେଠାରେ ନିଆଁ ଲାଗି ନାହିଁ ସେଠାକୁ ଚାଲିଯାଆନ୍ତୁ ।
- ଯଦି ସେଠାରେ ନିଆଁ ଲାଗିଥାଏ, ଝର୍କା ପାଖକୁ ଚାଲିଯାଆନ୍ତୁ – ମାତ୍ର ଝର୍କା ଖୋଲନ୍ତୁ ନାହିଁ । ଯଦି ପାଖରେ ନିଆଁ ନଥାଏ, ତେବେ ଝର୍କା ଖୋଲନ୍ତୁ ।
- ବାହାର ଉଦ୍ଧାରକାରୀଙ୍କୁ ଜଣାଇବା ପାଇଁ ଗୋଟିଏ ଲୁଗା ବା ବେଡସିଟ୍



ଝର୍କାରେ ଓହଳାଇ ରଖନ୍ତୁ, ଏବଂ ଆପଣଙ୍କୁ କେହି ଉଦ୍ଧାର କରିବାଯାଏ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ ।

## (ଗ) ରୋଷେଇଘର ନିଆଁ

- ରୋଷେଇ ସମୟରେ ସୂତାଲୁଗା ପିନ୍ଧନ୍ତୁ ।
- ଗ୍ୟାସ୍ ଚୂଲାରେ ରେଗୁଲେଟର୍ ଓ ପାଇପକୁ ନିୟମିତ ଭାବେ ପରୀକ୍ଷା କରନ୍ତୁ ।
- ରୋଷେଇଘର ଝର୍କା କବାଟ ଖୋଲିବାପରେ ଗ୍ୟାସ୍ ଜାଳନ୍ତୁ ।
- ରୋଷେଇପରେ ଗ୍ୟାସ୍ ବା ଇଲେକ୍ଟ୍ରିକ୍ ଚୂଲାର ସୁଇଚ୍ ବନ୍ଦ କରନ୍ତୁ ।
- କାଠଚୂଲା ବ୍ୟବହାର କରୁଥିଲେ, ପୂର୍ବ ବର୍ଣ୍ଣିତ ସତର୍କତା ଅବଲମ୍ବନ କରନ୍ତୁ ।
- ଛୋଟପିଲାଙ୍କୁ ଚୂଲୀ ଲଗାଇବାକୁ ବା ଲିଭାଇବାକୁ ଦିଅନ୍ତୁ ନାହିଁ ।
- ରୋଷେଇ ଚୂଲୀ ପାଖରେ କିରୋସିନି ବା ଅନ୍ୟ ଜ୍ୱଳନ ଯୋଗ୍ୟ ପଦାର୍ଥ ରଖନ୍ତୁ ନାହିଁ ।
- ଗୋଟିଏ ଇଲେକ୍ଟ୍ରିକ୍ ସୁଇଚ୍ ରୁ ଏକାଧିକ କନେକ୍ସନ୍ ନିଅନ୍ତୁ ନାହିଁ ।
- ତେଲ କଡେଇରେ ନିଆଁ ଲାଗିଗଲେ, ନିଆଁ ଲିଭାଇବାକୁ ପାଣି ଢାଳନ୍ତୁ ନାହିଁ ।

# ପାହାଡ଼ି ବନ୍ୟା ଓ ଭୂସ୍ଖଳନ
# (Flash Flood & Land Slide)

## ପାହାଡ଼ି ବନ୍ୟା

ଖୁବ୍ କମ୍ ସମୟ ମଧ୍ୟରେ ପ୍ରବଳ ବର୍ଷା ହେଲେ ପାହାଡ଼ି ବନ୍ୟା, ଭୂସ୍ଖଳନ ଏବଂ ସହରାଞ୍ଚଳ ବନ୍ୟା ହୋଇଥାଏ । ପାର୍ବତ୍ୟାଞ୍ଚଳରେ ଅତି ପ୍ରବଳ ବର୍ଷା ହେବା ଫଳରେ ପାହାଡ଼ ଉପରୁ ଖୁବ୍ ବେଗରେ ପାଣି ବୋହି ଆସି ପର୍ବତ ପାଦ ଦେଶରେ ଜଳାର୍ଣ୍ଣବ ସୃଷ୍ଟି କରିଥାଏ । ବେଳେବେଳେ ଏହି ପାଣିର ବେଗ ସହ ମାଟି ଓ ପଥରର ଅତଡ଼ା ସବୁ ଖସିଥାଏ । ସହରାଞ୍ଚଳରେ କମ୍ ସମୟ ମଧ୍ୟରେ ପ୍ରବଳ ବର୍ଷା ହେଲେ ସହରର ସଂକୁଚିତ ଜଳ ନିଷ୍କାସନ ପଥଦେଇ ଏତେ ପରିମାଣର ଜଳ ସହସା ନିଷ୍କାସନ ହୋଇ ନପାରି ସହରମଧ୍ୟରେ ବନ୍ୟା ସୃଷ୍ଟି କରିଥାଏ ।

ପାହାଡ଼ି ବନ୍ୟା ପ୍ରଭାବିତ ଅଞ୍ଚଳକୁ ହଠାତ୍ ବୁଡ଼େଇ ଦିଏ ଏବଂ ଏହା ପ୍ରାକ୍ ପ୍ରସ୍ତୁତି ପାଇଁ ଆଦୌ ସମୟ ଦେଇ ନଥାଏ । ଏହା ଅଳ୍ପ ସମୟ ପାଇଁ ରହିଲେ ମଧ୍ୟ ଏହାର ବିଧ୍ୱଂସକାରୀ କ୍ଷମତା ସାଧାରଣ ବନ୍ୟା ପରି ହୋଇଥାଏ । ଏହା ପ୍ରସ୍ତୁତି ପାଇଁ ସମୟ ଦେଉ ନଥିବାରୁ ସତର୍କତା ଓ ସର୍ବଦା ପ୍ରସ୍ତୁତ ଆଭିମୁଖ୍ୟ ହିଁ ଏହାକୁ ମୁକାବିଲା କରିବାର ମୁଖ୍ୟ ଉପାୟ । ପ୍ରଶାସନ ଓ ଗୋଷ୍ଠୀସ୍ତରରେ ପୂର୍ବ ଯୋଜନା ମୁତାବକ କାର୍ଯ୍ୟକରିବାର ଅଭ୍ୟାସ ଦ୍ୱାରା ଏହି ପରି ବନ୍ୟାର ପ୍ରଭାବକୁ ହ୍ରାସ କରାଯାଇପାରିବ ।

ସାଧାରଣ ବନ୍ୟାର ସୁରକ୍ଷା ଉପାୟ ଏଥିପାଇଁ ମଧ୍ୟ ଅନୁସରଣ କରାଯିବା ଉଚିତ୍ ।



## ଭୂସ୍ଖଳନ

ପ୍ରାକୃତିକ ବା ଅନ୍ୟାନ୍ୟ କାରଣରୁ ମାଟି ଓ ପଥରର ଏକ ବଡ଼ ସ୍ରୋତ ବହିର୍ମୁଖୀ ବା ନିମ୍ନମୁଖୀ ଚଳନ ହେଲେ ତାହାକୁ ଭୂସ୍ଖଳନ କୁହାଯାଏ । ଅତି ପ୍ରବଳ ବର୍ଷା ଅଧିକାଂଶ ଭୂସ୍ଖଳନର କାରଣ ବନିଥାଏ ।

## ସୁରକ୍ଷା ଉପାୟ

ଯଦି ଆପଣଙ୍କ ପ୍ରତି ଭୂସ୍ଖଳନର ବିପଦ ଥାଏ, ତେବେ

- ଭୂସ୍ଖଳନ ସମ୍ବନ୍ଧୀୟ ଏକ ପରିବାର ବିପର୍ଯ୍ୟୟ ଯୋଜନା ପ୍ରସ୍ତୁତ କରନ୍ତୁ, ଭୂସ୍ଖଳନ ବିଷୟରେ ସମସ୍ତ ତଥ୍ୟ ଜାଣନ୍ତୁ ଓ ପରିବାରରେ ସମସ୍ତଙ୍କୁ ଜଣାନ୍ତୁ ।
- ଏକ ବିସ୍ଥାପନ ଯୋଜନା ପ୍ରସ୍ତୁତକରନ୍ତୁ । ବିକଳ୍ପ ରାସ୍ତା ଓ ନିରାପଦ ସ୍ଥାନ ଜାଣନ୍ତୁ ଓ ପରିବାରର ସମସ୍ତଙ୍କୁ ଜଣାନ୍ତୁ ।
- ଆପଣଙ୍କ ଘର ଓ ସମ୍ପତ୍ତିର ଚତୁର୍ପାଶ୍ୱରେ ଥିବା ଭୂମିରୂପ, ଭୂସ୍ଖଳନର ଇତିହାସ, ପାଣି ପ୍ରବାହ ର ମାର୍ଗ ଓ ଏହାର ଗତି ଓ ଗଭୀରତା ଜାଣି ରଖନ୍ତୁ ।
- ଯଦି ଘରଛାଡ଼ି ଚାଲିଯିବା ନିରାପଦ, ତେବେ ତୁରନ୍ତ ଛାଡ଼ି ଚାଲିଯାଆନ୍ତୁ ମାତ୍ର ଝଡ଼ ସମୟରେ ଗାଡ଼ି ଚଳାଇବା ନିରାପଦ ନୁହେଁ, ଯଦି ଘରେ ରହନ୍ତି, ତେବେ ଉପର ମହଲାକୁ ଚାଲି ଯାଆନ୍ତୁ ।
- ଯିବାବେଳେ ଭୂସ୍ଖଳନ ବା ଜଳପ୍ରବାହର ପଥ ପାରିହେଇ ଚାଲିଯିବାକୁ ଚାହାନ୍ତୁ ନାହିଁ । ଏହା ନିରାପଦ ନୁହେଁ । ରାସ୍ତା ବୁଡ଼ିଥିଲେ, ପାରି ହୁଅନ୍ତୁ ନାହିଁ ।
- କୌଣସି ଅସ୍ୱାଭାବିକ ଶବ୍ଦ ଯଥା ପଥର ଗଡ଼ିବା, ମାଟି ଧସିବା, ଗଛ ପଡ଼ିବା,



ପାଣି ବୋହିବାର ଶବ୍ଦ କାନ ପାରି ଶୁଣନ୍ତୁ । ଏପରି ଶବ୍ଦ ଶୁଣିଲେ ଏହା ଭୂସ୍ଖଳନ ବା ଦ୍ରୁତ ଜଳପ୍ରବାହର ଶବ୍ଦ ହୋଇପାରେ । ସତର୍କ ରୁହନ୍ତୁ ।

- ଯଦି ଆପଣ କୌଣସି ଜଳାଧାର ନିକଟରେ ଥାଆନ୍ତି, ତେବେ ଜଳସ୍ତର ଓ ସ୍ରୋତର ଗତି ହଠାତ୍ ବଢୁଛି କି ଦେଖନ୍ତୁ, ଯଦି ଏମିତି ହୁଏ, ତେବେ ତୁରନ୍ତ ସ୍ଥାନ ଛାଡ଼ି ନିରାପଦ ସ୍ଥାନକୁ ଚାଲିଯାଆନ୍ତୁ ।
- କୌଣସି ଘୋସରା (Cause Way) ଉପରେ ଖୁବ୍ କମ ପାଣିର ସ୍ରୋତ ଥିଲେ ବି ଗାଡ଼ି ଚଳାଇ ପାରିହୁଅନ୍ତୁ ନାହିଁ ।
- ଯଦି ଆପଣ ଭୂସ୍ଖଳନର ବିପଦ ଆସନ୍ନ ବୋଲି ଭାବନ୍ତି, ତେବେ ସ୍ଥାନୀୟ ଜରୁରୀ ବିଭାଗ ଯଥା ଜିଲ୍ଲା ପ୍ରଶାସନ, ପୋଲିସ, ଦମକଳ କେନ୍ଦ୍ର ଆଦିକୁ ଯୋଗାଯୋଗ କରନ୍ତୁ । ପାଖ ପଡ଼ିଶା ଲୋକଙ୍କୁ ସତର୍କ କରାଇଦିଅନ୍ତୁ ।
- ଭୂସ୍ଖଳନ ଓ ସମ୍ଭାବ୍ୟ ଜଳ ପ୍ରବାହର ରାସ୍ତାରୁ ତୁରନ୍ତ ହଟିଯାଆନ୍ତୁ ।



## ଭୂସ୍ଖଳନ ପରେ

- ଆହୁରି ଭୂସ୍ଖଳନ ହୋଇପାରେ, ଏ ଅଞ୍ଚଳରୁ ଦୂରେଇ ରହନ୍ତୁ ।
- ଭୂସ୍ଖଳନ ସ୍ଥାନ ମଧ୍ୟକୁ ସିଧା ପଶି ନ ଯାଇ ଲୋକଙ୍କୁ ଉଦ୍ଧାର ପାଇଁ ଅଭିଜ୍ଞ ଉଦ୍ଧାରକାରୀ ଦଳ ପଠାନ୍ତୁ । ଆହତ ଓ ଆବଦ୍ଧ ହୋଇଥିବା ଲୋକଙ୍କୁ ଉଦ୍ଧାର କରନ୍ତୁ ।
- ପଡ଼ୋଶୀମାନଙ୍କୁ ସହଯୋଗ କରନ୍ତୁ ।
- ଭୂସ୍ଖଳନପରେ ବନ୍ୟା ଆସିପାରେ, ସତର୍କରୁହନ୍ତୁ ।
- ନିଜ ଘରର ମୂଳଦୁଆ, ଚିମିନି, କାନ୍ଥ ଓ ଛାତ ଇତ୍ୟାଦି ପରୀକ୍ଷାକରି ଘରେ ପ୍ରବେଶ କରନ୍ତୁ ।

